

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 JULY 2023
Vol.No. 35 ■ No. 175■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲୁଟ୍ ଉଦ୍ଦେଶ୍ୟରେ ବାଲେଶ୍ୱର ଏସ୍‌ପିଙ୍କ ବାପାମା'ଙ୍କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୦୩/୦୭ (ନି.ପ୍ର): ଆଉ ସୁରକ୍ଷିତ ନାହିଁ ରାଜଧାନୀ ଭୁବନେଶ୍ୱର ରାଜରାସ୍ତା। ରାଜଧାନୀର ଛାତି ଉପରେ ବିଚ୍ ରାସ୍ତାରେ ହେଉଛି ଲୁଟ୍, ରାହାଜାନୀ ଓ ହତ୍ୟା। । ଏପରି କାଣ୍ଡ ଭିଆଇ କମିଶନରେଟ୍ ପୁଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ଗତକାଲି ରାତିରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ବାପାମା'ଙ୍କ ଠାରୁ ଲୁଟ୍ ଉଦ୍ୟମ କରିଥିଲେ ଦୁର୍ବୃତ୍ତ। ଏହାସହ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ସାଗରିକାଙ୍କ ପରିବାର ପକ୍ଷରୁ ଭରତପୁର ଥାନାରେ ଅଭିଯୋଗ କରାଯାଇଛି। ସୂଚନାଅନୁସାରେ, ଗତକାଲି ବିଳମ୍ବିତ ରାତିରେ ସାଗରିକାଙ୍କ ବାପା, ମାଆ ଏକ କାରରେ ଘାଟିକିଆ

▶▶ପୃଷ୍ଠା ୭

# ଏନସିପିରୁ ବିଦା ହେଲେ ୩ ନେତା ଓ ୨ ସାଂସଦ

## ■ କାଉଣ୍ଟର କଲେ ପ୍ରଫୁଲ ପଟେଲ ■



ନୂଆଦିଲ୍ଲୀ,୩/୦୭ : ଦଳ ପକ୍ଷରୁ ଏନସିପିର ୩ ବରିଷ୍ଠ ନେତାଙ୍କୁ ବହିଷ୍କୃତ କରାଯାଇଛି। ସେହିପରି ପାର୍ଟି ସୁପ୍ରିମୋ ଶରଦ ପାଓ୍ୱାର ଦୁଇ ବରିଷ୍ଠ ନେତା ପ୍ରଫୁଲ ପଟେଲ ଓ ସୁନୀଲ ତାଟକାରେଙ୍କୁ ଏନସିପିରୁ ବିଦା କରିଛନ୍ତି। ସେହିପରି ସରକାରଙ୍କୁ ସମର୍ଥନ କରିଥିବା ୯ ବିଧାୟକଙ୍କୁ ମଧ୍ୟ ଅଯୋଗ୍ୟ ଘୋଷଣା କରିବାକୁ ସୁପାରିସ କରାଯାଇଛି। ବରିଷ୍ଠ ଏନସିପି ନେତା ଅଜିତ ପାଓ୍ୱାର ଓ ୮ ବିଧାୟକ ମହାରାଷ୍ଟ୍ରର ବିଜେପି ସରକାରଙ୍କୁ ସମର୍ଥନ କରିବା ପରେ ହଟଚମଟ ସୃଷ୍ଟି ହୋଇଛି। ଶରଦ ପାଓ୍ୱାରଙ୍କ ଏନସିପି ଅଜିତ ପାଓ୍ୱାରଙ୍କ ବିଦ୍ରୋହ ଯୋଗୁ ଦୁଇ ଫାଳ ହୋଇ ଯାଇଥିବା ବେଳେ ଏବେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ଦଳ ପକ୍ଷରୁ ଏନସିପିର ୩ ବରିଷ୍ଠ ନେତାଙ୍କୁ ବହିଷ୍କୃତ କରାଯାଇଛି। ସେହିପରି ପାର୍ଟି ସୁପ୍ରିମୋ ଶରଦ ପାଓ୍ୱାର ଦୁଇ ବରିଷ୍ଠ ନେତା ପ୍ରଫୁଲ ପଟେଲ ଓ ସୁନୀଲ ତାଟକାରେଙ୍କୁ ଏନସିପିରୁ ବିଦା କରିଛନ୍ତି। ସେହିପରି ସରକାରଙ୍କୁ ସମର୍ଥନ କରିଥିବା ୯ ବିଧାୟକଙ୍କୁ ମଧ୍ୟ ଅଯୋଗ୍ୟ ଘୋଷଣା କରିବାକୁ ସୁପାରିସ କରାଯାଇଛି। ପ୍ରଥମେ ଦଳର କାର୍ଯ୍ୟକାରୀ ସଭାପତି ସୁପ୍ରିୟା ସୁଲେ ବିଦ୍ରୋହ ଘୋଷଣା କରିଥିବା ବିଧାୟକ ଓ ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ କରିଥିଲେ। ପାର୍ଟି ସୁପ୍ରିମୋ ଶରଦ ପାଓ୍ୱାର ସୁପାରିସ ପାଇବା ମାତ୍ରେ ପ୍ରଫୁଲ ପଟେଲ ଓ ସୁନୀଲ ତାଟକାରେଙ୍କୁ ଦଳରୁ ବାହାର କରି ଦେଇଛନ୍ତି। ଶରଦ ପାଓ୍ୱାର ଟ୍ୱିଟ ଯୋଗେ ଦୁଇ ସାଂସଦଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଏନସିପିରୁ ବିଦା କରିଥିବା କହିଛନ୍ତି। କିନ୍ତୁ ପ୍ରଫୁଲ ପଟେଲ ଏହାର କାଉଣ୍ଟର ଜବାବ ଦେଇଛନ୍ତି। କିଛି ଦିନ ତଳେ ତାଙ୍କୁ ଶରଦ ପାଓ୍ୱାର ଏନସିପିର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଥିଲେ। ଏହି କ୍ଷମତା ବଳରେ ସେ ସୁନୀଲ ତାଟକାରେଙ୍କୁ ରାଜ୍ୟ ଏନସିପି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଏହି ପଦରେ ଜୟନ୍ତ ପାଟିଲ କାର୍ଯ୍ୟ କରୁଥିବା ବେଳେ ପଟେଲଙ୍କ ପଦକ୍ଷେପ ନୂଆ ବିବାଦ ସୃଷ୍ଟି କରିଛି। ପ୍ରଫୁଲ ପଟେଲ ନିଜସ୍ୱ ରାଜ୍ୟ ସଂଗଠନ କରିଥିଲେ ହେଁ ଶରଦ ପାଓ୍ୱାର ଏବେ ବି ଏନସିପିର ଜାତୀୟ ସଭାପତି ଭଳି କହିଛନ୍ତି। ଅନ୍ୟପକ୍ଷରେ ବହିଷ୍କୃତ ହୋଇଥିବା ୩ ଏନସିପି ନେତା ହେଲେ ଦଳର ମୁମ୍ବାଇ ଡିଭିଜନ ମୁଖ୍ୟ ନରେନ୍ଦ୍ର ରାଥୋଡ, ଅକୋଲା ସିଟି ଜିଲ୍ଲା ମୁଖ୍ୟ ବିଜୟ ଦେଶମୁଖ ଓ ରିଜୋନାଲ ସାଧାରଣ ସମ୍ପାଦକ ଶିବାଜୀରାଓ ଗରଜେ।

## ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତୋଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ମାଲକାନଗିରି, କୋରାପୁଟ, ରାୟଗଡ଼। , ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ। ସେହିପରି ଆସନ୍ତାକାଲି ପାଇଁ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବା ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ପୁଣି ଜେଲ୍ ଗଲେ ପୂର୍ବତନ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ରିମାଣ୍ଡ ଅବଧି ସମାପ୍ତ ହେବା ପରେ କୋର୍ଟରେ ହାଜର ହେବା ପରେ ନବରଙ୍ଗପୁର ପୂର୍ବତନ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ ପୁଣି ଥରେ ଜେଲ ଯାଇଛନ୍ତି । ଉଲ୍ଲେଖନୀୟ ଯେ ପାଂଚ ଦିନିଆ ରିମାଣ୍ଡ ସମାପ୍ତ ହେବା ପରେ ଆଜି ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଭିଜିଲାନ୍ସ ତାଙ୍କୁ ରିମାଣ୍ଡ ବେଳେ ପ୍ରଶାନ୍ତଙ୍କ ଆହୁରି ସଂପତି ଠାବ କରିଥିବା ଜଣା ପଡିଛି।

# ଆଇଏଏସ୍ ସ୍ତରରେ ଅଦଳବଦଳ

## ଯାମିନୀ ଷଡ଼ଙ୍ଗୀ ହେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ



ଭୁବନେଶ୍ୱର, ୦୩/୦୭ (ନି.ପ୍ର): ରାଜ୍ୟ ସରକାର ସୋମବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୦୮ ବ୍ୟାଚ୍ ଆଇଏଏସ୍ ଯାମିନୀ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀମତୀ ଷଡ଼ଙ୍ଗୀ ଓଡ଼ିଶା ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବସ୍ଥାପିତ କରାଯାଇଛି । ଏହାସହିତ ସେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀକୁ ଆଇଏଏସ୍ କ୍ୟାଡରରେ ଅତିରିକ୍ତ ସଚିବ ପାହ୍ୟାକୁ ଉନ୍ନୀତ କରାଯାଇଛି । ସେହିପରି ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ପଦୋନ୍ନତିପ୍ରାପ୍ତ ଆଇଏଏସ୍ ୨୦୧୨ ବ୍ୟାଚର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଧର୍ମଗଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ୨୦୨୦ ବ୍ୟାଚ୍ ଆଇଏଏସ୍ ବେଦଭୂଷଣଙ୍କୁ ସମ୍ବଲପୁର ମହାନଗର ନିଗମର କମିଶନର ଭାବେ ବଦଳି ହୋଇଛି। ବରିଷ୍ଠ ଓଏଏସ୍ ତଥା ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ନୃସିଂହ ଚରଣ ସ୍ୱାଇଁଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

# ୧୬ ଜିଲ୍ଲାରୁ ଚିହ୍ନଟ ହେଲେଣି ୧୮୫ ଜଣ ଡେଙ୍ଗୁ ଆକ୍ରାନ୍ତ

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମୋଟ ୧୬ ଜିଲ୍ଲାରୁ ୧୮୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଯାଜପୁରରେ ୧୨ , ବାଲେଶ୍ୱରରେ ୧୦ ଏବଂ ଅନ୍ୟାନ୍ୟ ଜିଲ୍ଲାରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଡେଙ୍ଗୁ ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଏବର୍ଷ ମଧ ଡେଙ୍ଗୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇରୁ ସେପ୍ଟେମ୍ବର ମାସରେ ଏହା ବଢିଥାଏ। ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଟେଷ୍ଟିଙ୍ଗ ସଂଖ୍ୟା ଅଧିକ ଓ ପଜିଟିଭ ସଂଖ୍ୟା ବହୁତ କମ୍ ରହିଛି। ସେ କହିଛନ୍ତି ଏବେ ସୁଦ୍ଧା ୧୧,୪୬୪ ଜଣଙ୍କର ଟେଷ୍ଟ କରାଯାଇଛି ସେଥିରୁ ୧୮୫ ଜଣ ପଜିଟିଭ ଅଛନ୍ତି। ଗତବର୍ଷ ଏ ସମୟ ସୁଦ୍ଧା ୫୯୮୧ ଜଣଙ୍କୁ ଟେଷ୍ଟ କରାଯାଇଥିଲା ସେଥିରୁ ୩୫୩ ଜଣ ପଜିଟିଭ ବାହାରିଥିଲେ, ଯାହା ଏବର୍ଷ ତୁଳନାରେ ବହୁତ କମ୍ ଅଛି । ଏଡିସ ମଶା ସାଧାରଣତଃ ସକାଳ ଓ ସଂଧ୍ୟା ସମୟରେ କାମୁଡ଼ନ୍ତି।

# ଜୁଲାଇ ୧୩ରେ ଚନ୍ଦ୍ରୟାନ-୩ ଉତକ୍ଷେପଣ



ନୂଆଦିଲ୍ଲୀ,୩/୦୭ : ଆସନ୍ତା ସପ୍ତାହରେ ଭାରତର ତୃତୀୟ ଚନ୍ଦ୍ର ଅଭିଯାନ। ଜୁଲାଇ ୧୩ରେ ଚନ୍ଦ୍ରୟାନ-୩ ଉତକ୍ଷେପଣ ହେବ ବୋଲି ସୂଚନା ଦେଇଛନ୍ତି ଇସ୍ରୋ ଅଧକ୍ଷ ଏସ୍. ସୋମନାଥ। ସୂଚନା ଅନୁସାରେ, ଚନ୍ଦ୍ରଯାନ-୨ ତୁଳନାରେ ଚନ୍ଦ୍ରଯାନ-୩ରେ ବହୁ ଉନ୍ନତ ତଥା ଆଧୁନିକ ଯନ୍ତ୍ରାଂଶ ଖଞ୍ଜାଯାଇଛି ଏବଂ ଗତ ମାର୍ଚ୍ଚରୁ ହିଁ ସେଗୁଡ଼ିକର ପରୀକ୍ଷଣ ସରିଛି। କାରଣ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ଇସ୍ରୋ ପାଇଁ ରହିବ ସବୁଠୁ ବଡ଼ ଚାଲେଞ୍ଜ। ଜୁଲାଇ ୧୩ରୁ ୧୯ ଯାଏଁ ଲଞ୍ଚ ୱିଣ୍ଡୋ ଥିବା ବେଳେ, ଏହାର ପ୍ରଥମ ଦିନରୁ ହିଁ ମିଶନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି ଇସ୍ରୋ। ଏନେଇ ସ୍ପଷ୍ଟ କରିଛନ୍ତି ଇସ୍ରୋ ଅଧକ୍ଷ ଏସ୍. ସୋମନାଥ । ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାଓ୍ୱନ ସ୍ପେଶ୍ ସେଣ୍ଟରରୁ ଜିଏସ୍ଏଲ୍‌ଭି ମାର୍କ-ଥ୍ରୀ ରକେଟ୍ ସାହାଯ୍ୟରେ ଚନ୍ଦ୍ରୟାନ-୩କୁ ମହାକାଶକୁ ପଠାଯିବ। ୨୦୧୯ ମସିହା ସେପଟ୍ଟେମ୍ବର ୬ ତାରିଖ ଚନ୍ଦ୍ରୟାନ-୨ ପାଇଁ ଥିଲା ଘଡ଼ିସନ୍ଧି ମୁହୂର୍ତ୍ତ। ଚନ୍ଦ୍ରପୃଷ୍ଠରେ ରୋଭର ପ୍ରଜ୍ଞାନକୁ ସାଥିରେ ଧରି ଲ୍ୟାଣ୍ଡର୍ ବିକ୍ରମର ଅବତରଣର କାରୁଥିଲା। ଭାରତରେ ସେତେବେଳେ ରାତି ପ୍ରାୟ ୨ଟା। ବିଳମ୍ବିତ ରାତିରେ ବି ଚେଇଁଥିଲା ସାରା ଦେଶ ।

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ଉପରେ ଉଡ଼ିଲା ଡ୍ରୋନ୍

ନୂଆଦିଲ୍ଲୀ, ୦୩/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ ବାସଭବନ ଉପରେ ଆଜି ସକାଳେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା । ଦିଲ୍ଲୀ ପୋଲିସ ଏହାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନୋ ଫ୍ଲାଇଙ୍ଗ ଜୋନ୍ ମଧ୍ୟରେ ରହିଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟୀତ୍ୱରେ ନିୟୋଜିତ ଏସପିଜି ଆଜି ସକାଳେ ଏହା ଉପରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ପାଇଥିଲେ । ସେମାନେ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିେ। ଏହାପରେ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ତେବେ ଡ୍ରୋନ୍ ଭଳି ଦେଖାଯାଉଥିବା ଏହି ବସ୍ତୁକୁ ଅଦ୍ୟାବଧି ଠାବ କରାଯାଇନାହିଁ।

## ଲ୍ୟାଣ୍ଡ ଫର ଜବ୍ ଘୋଟାଲା

# ଲାଲୁ-ତେଜସ୍ୱୀ-ରାବଡୀଙ୍କ ନାଁରେ ସିବିଆଇ ଚାର୍ଜସିଟ୍



ନୂଆଦିଲ୍ଲୀ, ୦୩/୦୭: ଚାକିରି ବଦଳରେ ଜମି ଦୁର୍ନୀତି ମାମଲାରେ ବଢ଼ିଲା ଲାଲୁ, ତେଜସ୍ୱୀଙ୍କ ଅଡୁଆ। ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟରେ ଚାର୍ଜସିଟ୍ ଦାଖଲ କଲା ସିବିଆଇ। ସୋମବାର, ସିବିଆଇ ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀ, ବିହାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ଅନ୍ୟମାନଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି। ମାମଲାରେ ଜୁଲାଇ ୧୨ରେ କୋର୍ଟ ଶୁଣାଣି କରିବେ। ସୂଚନାଥାଉକି, ଏହି ମାମଲା୨୦୦୪ରୁ ୨୦୦୯ ମଧରେ ଲାଲୁ ପ୍ରସାଦ ଯାଦବ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ସମୟରେ ଘଟିଥିଲା।

▶▶ପୃଷ୍ଠା ୭

# ମଣିପୁର ହିଂସା ରୋକିବା ପାଇଁ କ'ଣ କରିଛ ?: ସରକାରଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀନୂଆଦିଲ୍ଲୀ,୩/୦୭ : ଦୁଇ ମାସ ହେବ ଜାତିଆଣ ହିଂସାରେ ଜଳୁଥିବା ମଣିପୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ହିଂସା ରୋକିବା ଦିଗରେ ରାଜ୍ୟ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ତାର ସବିଶେଷ ରିପୋର୍ଟ ଦେବାକୁ କହିଛନ୍ତି ସୁପ୍ରିମକୋର୍ଟ। ହିଂସା ସମୟରେ ବାସହୀନ ଲୋକଙ୍କ ଥଇଥାନ ବ୍ୟବସ୍ଥା ଏବଂ ସୁରକ୍ଷାବଳ ମୁତୟନ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ରିପୋର୍ଟ ମାଗିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦ ତାରିଖ ଧାର୍ଯ୍ୟ କରାଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼, ବିଚାରପତି ପିଏସ ନରସିମାହ ଏବଂ ବିଚାରପତି ମନୋଜ ମିଶ୍ରଙ୍କ ପୀଠ ଆଜି ମାମଲାର ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଛନ୍ତି, ରାଜ୍ୟରେ ସ୍ଥିତି ଧିରେ ଧିରେ ସୁଧୁରିବାରେ ଲାଗିଛି। ପୀଠ ହିଂସା ସମୟରେ ବାସହୀନ ଲୋକଙ୍କ ପୁନଃଥଇଥାନ, ହିଂସା ରୋକିବା ଏବଂ ଆଇନ ଶୃଙ୍ଖଳା ଉପରେ ରାଜ୍ୟ ସରକାର କଣ ପଦକ୍ଷେପ ନେଇଛନ୍ତି ତାର ରିପୋର୍ଟ ଦେବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି।

▶▶ପୃଷ୍ଠା ୭

# ଆଜିଠାରୁ ଆରମ୍ଭ ହେଲା ମାଟ୍ରିକ୍ ସପ୍ଲିମେଂଟାରି ପରୀକ୍ଷା

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ସପ୍ଲିମେଂଟାରି ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ।ସକାଳ ୯ଟାରୁ ୧୧ଟା ମାଟ୍ରିକ୍ ସପ୍ଲିମେଂଟାରି ଓ ତାପରେ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ପରୀକ୍ଷା ଜୁଲାଇ ୮ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ୮୦ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ମାଟ୍ରିକ୍ ସପ୍ଲିମେଂଟାରି ପରୀକ୍ଷା ପାଇଁ ୧୩୧୧ ଜଣ ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୮୯୧୫ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଛନ୍ତି। ଆଜି ସକାଳୁ ପରୀକ୍ଷାର୍ଥୀମାନେ ଶୃଙ୍ଖଳିତ ଢଙ୍ଗରେ ଆସି ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି।

## ଶଙ୍କରାନନ୍ଦ ମଠ ପରିଦର୍ଶନ କଲେ ସଂସ୍କୃତିମନ୍ତ୍ରୀ

ପୁରୀ, ୦୩/୦୭ (ନି.ପ୍ର): ଅନେକ ମଠ ମଧ୍ୟରୁ ପୁରୀର ଶ୍ରୀ ଶଙ୍କରକ୍ଷନନ୍ଦ ମଠ ଏକ ପୁରାତନ ମଠ । ଆଧାତ୍ମିକ, ଧାର୍ମିକ ଓ ସାଂସ୍କୃତିକ ଭାସ୍କର୍ଯ୍ୟରେ ସମୃଦ୍ଧ ମଠଟି ବର୍ତ୍ତମାନ୍ ଦେବୋତର ଆୟୁକ୍ତଙ୍କ ଅଧୀନରେ କାର୍ଯ୍ୟ କରୁଅଛି । ଏହି ପ୍ରାଚୀନତମ ମଠରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡିତ କାଂଚି ଅଭିଯାନ ଆଦି ଭାସ୍କର୍ଯ୍ୟ ଓ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତି ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି କିସ୍ତିରେ ନଅ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ରାଜ୍ୟ ପ୍ରନ୍ତାତ୍ୱିକ ସଂସ୍ଥା ଦ୍ୱାରା ସରଂକ୍ଷଣ କାର୍ଯ୍ୟ ଜାରି ରହିଛି । ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ରାଜ୍ୟ ପ୍ରନ୍ତାତ୍ୱିକ ସଂସ୍ଥାର ଅଧ୍ୟକ୍ଷକ ଅଶ୍ୱିନୀ କୁମାର ସତପଥୀ ଶ୍ରୀ ଶଙ୍କରକ୍ଷନନ୍ଦ ମଠର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହିସମୟରେ ଅନ୍ତରଣ ପରିଚାଳନା ଟ୍ରଷ୍ଟି, ଡ. ଦୁର୍ଗା ପ୍ରସାଦ ମିଶ୍ର, ଜଗନ୍ନାଥ ସଂସ୍କୃତିର ଗବେଷକ ସୁରେନ୍ଦ୍ର କୁମାର ମିଶ୍ର, ମଠ ର ମାହାତ୍ମ୍ୟ ଓ ଐତିହାସିକ ପୃଷ୍ଠଭୂମି ବିଷୟରେ ଅବଲୋକନ କରାଇଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର କିର୍ତିରାଜି ଓ ବୈଭବ ସୁରକ୍ଷା ଦୃଷ୍ଟିରୁ ମଠର ସଙ୍ଗକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଭରତପୁର ଜଙ୍ଗଲ ପାଚେରି ଦୁର୍ବଳ: ହାତୀଆଶୁଣିରେ ହାତୀଙ୍କ ପାଇଁ ବାଟ ମୁକୁଳା



ଚନ୍ଦ୍ରଶେଖରପୁର, ୦୩/୦୭ (ନି.ପ୍ର): ରାଜଧାନୀ ଉପକଣ୍ଠରେ ଉତ୍ପାତ କରୁଛନ୍ତି ହାତୀ। କେତେବେଳେ ଅନ୍ଧାରୁଆରେ ତ ଆଉ କେବେ ଶିଖରଚଣ୍ଡୀରେ ପଶୁଛନ୍ତି। ସାଲିଆସାହିକୁ ବି ମାଡ଼ି ଆସୁଛନ୍ତି। ଏବେ ସୁଦ୍ଧା ସେତେ ପରିମାଣର ଧନଜୀବନ କ୍ଷତି କରି ନଥିଲେ ମଧ ରାତି ସମୟରେ ଚଳପ୍ରଚଳ କରୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଲାଣି । ଲୋକଙ୍କ ଘର ସମ୍ମୁଖରେ ହାତୀ ଚଳପ୍ରଚଳ କରୁଥିବାର ଦୃଶ୍ୟ ସାମ୍ନାକୁ ଆସିବା ପରେ ଏବେ ଭରତପୁର ପାଚେରିର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ବର୍ଷ ତଳେ ନିର୍ମାଣ କରାଯାଇଥିବା ରାଜଧାନୀ ଉପକଣ୍ଠର ଏହି ଜଙ୍ଗଲ ପାଚେରି ଦୁର୍ବଳ ସ୍ଥିତିକୁ ଆସିଯାଇଥିବା ଦେଖିବାକୁ ମିଳିଛି। ଯେଉଁଥିପାଇଁ ହାତୀଗୁଡ଼ିକ ଧକ୍କା ମାରି ତାହାକୁ ଭାଙ୍ଗି ଦେଉଛନ୍ତି । ଗତ ମାର୍ଚ୍ଚ ମାସରେ ଶିଖରଚଣ୍ଡୀ ପାହାଡ଼କୁ ଆସିଥିବା ତିନିଟି ହାତୀ ତାର ଜାଲି ଘେରା ଯାଇଥିବା ଭରତପୁର ଜଙ୍ଗଲ ପାଚେରି ଭାଙ୍ଗି ଦେଇଥିବା ଏବେ ଦେଖିବାକୁ ମିଳିଛି । ଚୁନୁକୋଳି ବସ୍ତି-ପଥରଗାଡ଼ିଆ ରାସ୍ତା ତଥା ଗଣେଶ ଘାଟକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ଥିବା ପାଚେରି ଭଙ୍ଗା ଯାଇଥିବା ଅନୁଧ୍ୟାନ କରିବା ସମୟରେ ନଜରକୁ ଆସିଥିଲା। ତିନି ମାସ ହେଲା ପାଚେରି ଭାଙ୍ଗିଥିଲେ ମଧ ତାହାକୁ ମରାମତି କରାଯାଇନାହିଁ, ବରଂ ହାତୀ ପ୍ରବେଶ ରୋକିବା ପାଇଁ ପାଚେରି ନିକଟରେ ଭରତପୁର ଜଙ୍ଗଲ ଭିତରେ ପାଖାପାଖି ୫୦ ମିଟର ଲମ୍ବ, ୨୦ ଫୁଟ୍ ଗଭୀର ଗାତ ଖୋଳା ଯାଇଛି। ଏହାଦ୍ୱାରା ହାତୀପଲ ଆଉ ପାଚେରି ପାଖକୁ ଆସିପାରିବେ ନାହିଁ କି ସହର ଉପକଣ୍ଠରେ ପଶିବେନି।

ମାସକ ତଳେ ହାତୀଆଶୁଣୀ ନିକଟରେ ଭରତପୁର ଜଙ୍ଗଲ ପାଚେରି ଭାଙ୍ଗି ରାଜଧାନୀରେ ପଶିଥିଲା ଦନ୍ତା। ମୈତ୍ରୀବିହାର ନିକଟ ୨୦୦ ଫୁଟିଆ ରାସ୍ତାରେ ଚାଲିଥିଲା। ସାଲିଆସାହି ଭିତରକୁ ପ୍ରବେଶ କରିବା ସହ ପଣସ, କଦଳୀ, ଆମ୍ବ ମଧ ଖାଇଥିଲା। କାହାର କୌଣସି କ୍ଷତି କରି ନଥିଲେ ମଧ ଲୋକଙ୍କ ଘର ଆଗରେ ଚଳପ୍ରଚଳ କରୁଥିବାରୁ ରାତି ଅଧରେ ସାଲିଆସାହି ବସ୍ତିରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କାଳେ ଦନ୍ତା ଘର ଭାଙ୍ଗିଦେବ, ସେହି ଭୟରେ ଯିଏ ଯୁଆଡ଼େ ପାରିଲେ ଧାଇଁଥିଲେ। ହାତୀ ମୁହଁକୁ ଲାଇଟ୍, ଟର୍ଚ୍ଚ ଆଦି ପକାଇଥିଲେ। ପାଖାପାଖି ଦେଢ଼ ଘଣ୍ଟା ଧରି ସାଲିଆସାହିରେ ଆତଙ୍କ ଖେଳାଇଥିଲା ଦନ୍ତା। ୪ଟି ହାତୀ ପ୍ରବେଶ କରିଥିବା ବେଳେ ଦନ୍ତାଟି ଫେରି ନ ପାରି ରହିଯାଇଥିବା କୁହାଯାଇଥିଲା। ତେବେ ହାତୀଙ୍କ ପ୍ରବେଶ ଲାଗି ଏଠାରେ ସମସ୍ତ ପ୍ରକାର ସୁବିଧା ରହିଥିବା ନଜରକୁ ଆସିଛି। ହାତୀଆଶୁଣି ପଡ଼ିଆକୁ ଲାଗି ଥିବା ପାଚେରି ଭାଙ୍ଗି ଯାଇଛି। ଯେକୌଣସି ବନ୍ୟଜନ୍ତୁ ବିନା ପ୍ରତିବନ୍ଧକରେ ଏପାଖରୁ ସେପାଖ ହୋଇପାରିବ।

ବହୁ ଦିନ ଧରି ପାଚେରି ଭାଙ୍ଗିଥିଲେ ମଧ ତାହାର ମରାମତି କରାଯାଉ ନ ଥିବାରୁ ଗତ ମାସରେ ହାତୀ ଦୁଇଥର ରାଜଧାନୀରେ ପ୍ରବେଶ କରିଥିଲା। ଏବେ ମଧ ପାଚେରି ମୁକୁଳା ରହିଥିବାରୁ ଯେକୌଣସି ସମୟରେ ହାତୀ ପ୍ରବେଶ କରିପାରେ ବୋଲି ଲୋକେ କହିଛନ୍ତି। ବନ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ମରାମତି କରିବାକୁ ଦାବି ହୋଇଛି। ବନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ ଜଙ୍ଗଲ ପାଖରେ ଥିବା ଟ୍ରେଞ୍ଚକୁ ବାରମ୍ବାର ଖୋଳା ଯାଉଥିଲେ ମଧ ବସ୍ତିବାସିନ୍ଦାମାନେ ତାହାକୁ ଅଳିଆ ପକାଇ ପୋତି ଦେଉଛନ୍ତି। ଯେଉଁଥିପାଇଁ ହାତୀ ପାଚେରି ଭାଙ୍ଗିବା ସହ ସେହି ବାଟରେ ସହର ଭିତରକ ପଶୁଛନ୍ତି। ଚନ୍ଦକା-ଡମପଡ଼ା ହାତୀ ଅଭୟାରଣ୍ୟ ମଧ୍ୟରେ ଭରତପୁର ଜଙ୍ଗଲ ଆସୁଥିବାରୁ ହାତୀଙ୍କ ଚଳପ୍ରଚଳ ପାଇଁ କେବଳ ଅନ୍ଧାରୁଆ ନିକଟରେ ଗୋଟିଏ ବାଟ ରଖାଯାଇଛି। ଜଙ୍ଗଲର ଆଉ କୌଣସି ସ୍ଥାନରେ ବାଟ ରଖାଯାଇନାହିଁ। ଯେଉଁଠି ପାଚେରି ଭାଙ୍ଗୁଛନ୍ତି, ସଙ୍ଗେସଙ୍ଗେ ତାହାର ମରାମତି କରାଯାଉଛି। ଜଙ୍ଗଲ ଆଡ଼କୁ ଜନବସତି ମାଡ଼ି ଚାଲିଥିବାରୁ ବେଳେବେଳେ ଗୋଠଛଡ଼ା ହାତୀ ଏଣେତେଣେ ପଶି ଯାଉଛନ୍ତି।

## ଜୁଲାଇ ଶେଷ ସୁଦ୍ଧା ଆଉ ୨ଶହ 'ମୋ ବସ୍'

ଭୁବନେଶ୍ୱର, ୦୩/୦୭ (ନି.ପ୍ର): 'ମୋ ବସ୍'କୁ ନେଇ ରହିଥିବା ଆପତ୍ତି/ପ୍ରସ୍ତାବ ଉପରେ ଆଜି ଘମାଘୋଟ ଆଲୋଚନା ହୋଇଛି। ପ୍ରଥମ ଥର ପାଇଁ କ୍ରୁଟ୍ ଏମ୍‌ଡି ଅରୁଣ ବୋଥ୍ରା ଟ୍ୱିଟରରେ 'ମୋ ବସ୍' ବ୍ୟବହାରକାରୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ପ୍ରାୟ ଦେଢ଼ଘଣ୍ଟାର ଆଲୋଚନାରେ ୫୦ରୁ ଊର୍ଦ୍ଧ୍ୱ ପ୍ରଶ୍ନର ସେ ଉତ୍ତର ରଖିଥିବା ବେଳେ ୧୨ଟି ପ୍ରସ୍ତାବ ଗ୍ରହଣ କରିଛନ୍ତି। ଏହି ଲାଇଭ୍ କାର୍ଯ୍ୟକ୍ରମରେ ୮୦୬ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ଭାଗ ନେଇଥିବା ପ୍ରତ୍ୟେକ ବେଶ୍ ଉତ୍ସାହିତ ଥିବା ଦେଖାଯାଇଥିଲା। ଏଭଳି ଏକ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ କରିବା ପାଇଁ ସମସ୍ତେ ଅନୁରୋଧ କରିବା ସହ ଶ୍ରୀ ବୋଥ୍ରା ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଆଜି ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବାହାରେ ଛିଡ଼ା କରି ଟିକେଟ କାଟିବା, ୟୁପିଆଇ ପେମେଣ୍ଟ ଗ୍ରହଣ କରିବା, ଭିଡ଼ କମାଇବା ଓ ଅପହଞ୍ଚ ଅଞ୍ଚଳରେ ମୋ ବସ୍ ଗଡ଼ାଇବା ପ୍ରସଙ୍ଗରେ ଆଲୋଚନା ହେବା ସହ ଆଗକୁ ଏହା ଉପରେ ପଦକ୍ଷେପ ନିଆଯିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ଶ୍ରୀ ବୋଥ୍ରା ସୂଚନା ଦେଇଥିଲେ, ୨୦୧୮ ମସିହା ଯେତେବେଳେ ମୋ ବସ୍ ସେବା ଆରମ୍ଭ ହେଲା ସେତେବେଳ ଠାରୁ ମୋ ବସ୍‌ର ଭଡ଼ା ବଢ଼ି ନାହିଁ। କିନ୍ତୁ ୨ଶହ ବସ୍‌ରୁ ଏବେ ସଂଖ୍ୟା ବଢ଼ି ବଢ଼ି ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ୪୦୫ ବସ୍ ଚାଲୁଛି। ଆଉ ୨୦୦ ଇ-ବସ୍ ଆସୁଛି। ଅର୍ଥାତ୍ ଜୁଲାଇ ଶେଷ ସୁଦ୍ଧା ଏହି ଅଞ୍ଚଳରେ ୬୦୫ ମୋ ବସ୍ ହୋଇଯିବ। କ୍ରମେ ଭୁବନେଶ୍ୱରରେ ସମସ୍ତ ବସ୍‌କୁ ଇ-ବସ୍ କରିବା ପାଇଁ ଲକ୍ଷ୍ୟ ରହିଛି। ଫଳରେ ପ୍ରଦୂଷଣ ହେବ ନାହିଁ। କଟକ, ପୁରୀ, ଖୋର୍ଦ୍ଧା, ରାଉରକେଲାକୁ ମୋ ବସ୍ ଚାଲୁଛି। ଖୁବ୍‌ଶୀଘ୍ର ବ୍ରହ୍ମପୁର ଓ ସମ୍ବଲପୁରରେ ଚାଲିବା ପାଇଁ ଯୋଜନା ହେଉଛି। ଏବେ ଦୈନିକ ୨.୧୬ ଲକ୍ଷ ଯାତ୍ରୀ ମୋ ବସ୍ ବ୍ୟବହାର କରୁଛନ୍ତି। ଆଗକୁ ଏହି ସଂଖ୍ୟା ମଧ ବଢ଼ିବ ବୋଲି ସେ ଆଶା କରିଛନ୍ତି। ଲାଭ ଲକ୍ଷ୍ୟରେ



ନୁହେଁ ବରଂ ସେବା ଲକ୍ଷ୍ୟରେ ମୋ ବସ୍ ଚାଲିଛି। ଲଗାତାର ଏହି ସେବା ପାଇଁ କ୍ରୁଟ୍ ୟୁଏମ୍‌ଆଇ ପୁରସ୍କାର ଜିତିଥିବା ସେ ସୂଚନା ଦେଇଥିଲେ। ୟୁପିଆଇ ପେମେଣ୍ଟ ନ ଥିବାରୁ ଅନେକ ଯାତ୍ରୀ ଖୁଚୁରା ଦେବାରେ ସମସ୍ୟା ଭୋଗୁଛନ୍ତି। ଆମେ ଜୁଲାଇ ଶେଷ ସୁଦ୍ଧା ଏହି ପେମେଣ୍ଟ ବ୍ୟବସ୍ଥା ଆପଣେଇବୁ ଏବଂ ଏକ ସ୍ୱତନ୍ତ୍ର ପ୍ରି ପେଡ୍ କାର୍ଡ ପ୍ରଚଳନ କରିବୁ। ପୂର୍ବରୁ ଥିବା ସମସ୍ତ କାର୍ଡକୁ ଏଥିରେ ମିଶାଇ ଦିଆଯିବ। ଏ ନେଇ ଯାତ୍ରୀଙ୍କୁ ଖୁବ୍‌ଶୀଘ୍ର ସୂଚନା ଦିଆଯିବ। ବାହାରେ ଛିଡ଼ା କରି ଟିକେଟ୍ କାଟିବାକୁ ନେଇ ଅନେକ ଅଭିଯୋଗ ରହିଛି। ଅନେକ ଯାତ୍ରୀ ଟିକେଟ୍ ନ କରି ଯାତ୍ରା କରିବାରୁ ଏଭଳି କରାଯାଇଛି। ଏଭଳି କରିବା ଦ୍ୱାରା ଶତ ପ୍ରତିଶତ ଟିକେଟ୍ ନିଶ୍ଚିତ କରାଯାଇ ପାରିଛି। କିନ୍ତୁ ଯାତ୍ରୀଙ୍କୁ ସମସ୍ୟା କରୁଥିବାରୁ ଏହା ଉପରେ ଆମେ ସମୀକ୍ଷା କରୁଛୁ ବୋଲି ଶ୍ରୀ ବୋଥ୍ରା କହିଥିଲେ। କ୍ୟାପ୍‌ଟେନ୍ (ମୋ ବସ୍ ଚାଳକ) ଓ ଗାଇଡ୍ (କଣ୍ଡକ୍ଟର) ମାନଙ୍କର ଆଚରଣକୁ ନେଇ ଅଭିଯୋଗକୁ ଶ୍ରୀ ବୋଥ୍ରା ସ୍ୱୀକାର କରିଥିଲେ ବି ଅନେକ ସମୟରେ ଅଯଥାରେ ଦୋଷାରୋପ କରାଯାଉଛି ବୋଲି ସେ କହିଥିଲେ। ତାଙ୍କ କହିବା ଅନୁଯାୟୀ ଅନ୍ୟର ଭୁଲ୍ ପାଇଁ ଦୁର୍ଘଟଣା ଘଟୁଥିଲେ ବି ମୋ ବସ୍ ଚାଳକ ଦୋଷାରୋପ ହେଉଛି। ଦୋଷ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବସ୍‌ଷ୍ଟାଣ୍ଡ ଅନେକ ସମୟରେ ଜବରଦଖଲରେ ରହୁଛି। ଏହାକୁ ଖାଲି କରିବାରେ ବା ଫାଙ୍କା ରଖିବାରେ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଶୁଖିଲା ପଡ଼ିଛି ଶାଖା କେନାଲ: ତଳି ବିଲ ଫାଟି ଆଁ



ବାଲିଅନ୍ତା, ୦୩/୦୭ (ନି.ପ୍ର): ଜୁନ୍ ଯାଇ ଜୁଲାଇ ମାସ ହେଲାଣି। ହେଲେ ମୌସୁମୀ ବର୍ଷା ପ୍ରଭାବଶୂନ୍ୟ ହୋଇପଡ଼ିଛି। ସତେ ଯେମିତି ମୌସୁମୀ ଉଭାନ ହୋଇଯାଇଛି। ବର୍ଷାକୁ ଚାତକ ପରି ଚାହିଁ ରହିଥିବା ଚାଷୀ ବେଉଷଣ କାର୍ଯ୍ୟ କିପରି କରିବ ସେନେଇ ଚିନ୍ତାରେ ପଡ଼ିଛି। ଏଭଳି ପରିସ୍ଥିତିରେ ଉଠାଜଳସେଚନ ଅଥବା କେନାଲ ଜରିଆରେ ଜଳଯୋଗାଣ ହେଉଛି ଅନ୍ୟ ବିକଳ୍ପ ଉତ୍ସ। ହେଲେ ବାଲିଅନ୍ତା କେନାଲ ସବ ଡିଭିଜନ ଏବଂ ବେଣ୍ଟପୁର ଡିଷ୍ଟ୍ରିବ୍ୟୁଟାରି କେନାଲ ଅଧୀନରେ ଥିବା ବିଭିନ୍ନ ଶାଖା କେନାଲ ଓ ଚକ କାଡ଼ାନାଳି ପରିତ୍ୟକ୍ତ ହୋଇପଡ଼ିଥିବାରୁ ସେଥିରେ ପାଣି ଯୋଗାଣ ସମ୍ଭବ ହେଉନାହିଁ। କେନାଲରେ ପାଣି ଛଡ଼ା ଯାଉନଥିବାରୁ ଚାଷ କାର୍ଯ୍ୟ କରାଯାଇପାରୁ ନାହିଁ। ବଡ଼ କଥା ହେଉଛି ବର୍ଷା ଅଭାବରୁ ଢିପ ଜମିରେ ପଡ଼ିଥିବା ଧାନତଳି ବିଲ ଫାଟି ଆଁ କଲାଣି। କାଁ ଭାଁ ସ୍ଥାନରେ ଉଠା ଜଳସେଚନ ଜରିଆରେ ତଳିବିଲରେ ପାଣି ମଡ଼ାଯାଉଛି। ହେଲେ ଲିଫ୍ଟ ଯୋଗେ ଜଳ ଯୋଗାଣ ସୁବିଧା ନଥିବା ଧାନତଳି ବିଲସବୁ ଧଳା ପଡ଼ିଗଲାଣି। ଆଗକୁ ଯଦି ଆଉ କିଛିଦିନ ବର୍ଷା ନହୁଏ ତେବେ ଧାନଗଛ ପୂରା ଜଳିଯିବ। ଆଉ ପାଖରେ ମଧ ବିହନ ନଥିବରୁ ଚାଷୀ ତଳି ପକାଇନପାରିବା ନେଇ ଆଶଙ୍କା ଉପୁଜିଛି। ବାଲିଅନ୍ତା କେନାଲ ସବ ଡିଭିଜନ ଦାୟିତ୍ୱରେ ଥିବା ପାଣି ପଞ୍ଚାୟତ କାର୍ଯ୍ୟକର୍ତ୍ତା କେନାଲ ସଫେଇ ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବାରୁ ସେଥିରେ କେନାଲ ପାଣି ଯୋଗାଣ ସମ୍ଭବ ହେଉନଥିବା ଚା?ଷୀମାନେ ଅଭିଯୋଗ କରିଛନ୍ତି। କୂଳସାହି, ବେଟେଣ୍ଡା, ଫିରିଫିରା, ଆପଟସାହି, ପାରି ବାସୁଦେଇପୁର, ବିଶରପୁର ଆଦି ଅଞ୍ଚଳରେ କେନାଲ ଅନାବନା ଗଛଲତାରେ ଭର୍ତ୍ତି ହୋଇଯାଇଛି। ଶାଖା କେନାଲ ଓ ଚକନାଳି ସଫା କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ପାଣି ପଞ୍ଚାୟତ କାର୍ଯ୍ୟକର୍ତ୍ତା କିଛି ଶୁଣୁନଥିବା ଜଣାପଡ଼ିଛି। ସେହିପରି ବେଣ୍ଟପୁର ଜଳସେଚନ କାର୍ଯ୍ୟାଳୟ ଅଧୀନ ପଟୁପଡ଼ା ଡିଷ୍ଟ୍ରିବ୍ୟୁଟାରି କେନାଲର ରଣପୁର, ସରକଣା, ଅନ୍ଧୋଟି, କଇଜଙ୍ଗା, ବିରିବାଟି, ମାଣିଆ ଭୋଇସାହି, ବ୍ରାହ୍ମଣସୁଆଁଲୋ, ଭାରତୀବାଗ, ଦଣ୍ଡିଲୋ, ଛନ୍ଦୋଳ ଆଦି ଶାଖା କେନାଲ ଶୁଖିଲା ପଡ଼ିଛି। ଯାହାଫଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ଚାଷୀମାନେ କହିଛନ୍ତି। ଜଳସଂପଦ ନିର୍ବାହୀ ଯନ୍ତ୍ରୀ କେନାଲ ମରାମତି ଏବଂ ପାଣି ଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଦୟାନଦୀରେ ଭାସୁଛନ୍ତି ହଜାର ହଜାର ମଲା ମାଛ: ପ୍ରଦୂଷିତ କରୁଛି ଭୁବନେଶ୍ୱର ସହର ଓ ଗଙ୍ଗୁଆ ନାଳ

ପିପିଲି, ୦୩/୦୭ (ନି.ପ୍ର): ପବିତ୍ର ନିର୍ମଳ ପୁଣ୍ୟତୋୟା ଦୟାନଦୀ ଏବେ ଜହର ପାଲଟିଛି। ପିପିଲି କଣ୍ଟିଠାରୁ କାକୁଡ଼ିଆ ମଧ୍ୟରେ ଦୟାନଦୀରେ ଲକ୍ଷାଧିକ ମଲା ମାଛ ଆଜି ଭାସୁଥିବା ଦେଖିବାକୁ ମିଳୁଛି। ରୋହି, ଭାକୁର, ମିରିକାଳି, କଉ, ପୋହଳା, ଫଳି ଆଦି ମାଛ ନଦୀରେ ମରି ଭାସୁଥିବାରୁ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ମାଛ ମରୁଥିବା କାରଣ ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ବୋଲି କୁହାଯାଉଛି। ନିସ୍ତେଜ ହୋଇ ଭାସୁଥିବା ମାଛଗୁଡ଼ିକୁ ସ୍ଥାନୀୟ ଲୋକେ ଲୋଭରେ ଧରୁଥିବାବେଳେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବା ସନ୍ଦେହରେ ଖାଉନଥିବା ଜଣାଯାଇଛି। ଆଜି ଦିନସାରା ଏହାକୁ ଦେଖିବା ପାଇଁ ପିପିଲି ଓ ଜଟଣୀ ଅଞ୍ଚଳରେ ଲୋକେ ଦୟାନଦୀ କୂଳରେ ଭିଡ଼ ଜମାଇଥିଲେ। ସୂଚନା ଅନୁସାରେ, ୨୦୨୨ ଅକ୍ଟୋବର ୩୧ରେ କେନ୍ଦ୍ର ସିଏଜିର ସହାୟକ ଲେଖା ଅଧିକାରୀ ରାଜୀବ କୁମାର ଓ



ଜଳସମ୍ପଦ ବିଭାଗର ଏକ ଟିମ୍ ଦୟାନଦୀର କାକୁଡ଼ିଆ, ଭଁସର ଆଦି ଗାଁଠାରେ ଦୟାନଦୀକୁ ଅନୁଧ୍ୟାନ କରି ପ୍ରଦୂଷିତ ଜଳ ଓ ଶହଶହ ପଲିଥିନ୍ ଭାସୁଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଦୟାନଦୀ ପ୍ରଦୂଷଣ ସଂକ୍ରାନ୍ତରେ ସିଏଜି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ରାଜୀବ କୁମାର ସେତେବେଳେ କହିଥିଲେ। ଭୁବନେଶ୍ୱର ସହରର ସମସ୍ତ ନାଳନର୍ଦ୍ଦମା ଓ ଶିକ୍ଷାଞ୍ଚଳର ବର୍ଜ୍ୟବସ୍ତୁ ଏହି ଗଙ୍ଗୁଆ ନାଳ ଦେଇ ଦୟାନଦୀରେ ଆସି ମିଶୁଛି। ପ୍ରତିଦିନ ଏହି ଗଙ୍ଗୁଆ ନାଳ ଦେଇ ୫୬୨ କ୍ୟୁସେକ୍ ଦୂଷିତ ଜଳ ଦୟାନଦୀରେ ମିଶୁଥିବାରୁ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକ୍ ଅନ୍ତର୍ଗତ ୧୫୦ରୁ ଅଧିକ ଗାଁର ଅଧିବାସୀ ଏହି ପ୍ରଦୂଷିତ ନଦୀଜଳ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଦୟାନଦୀ ପାଣିରେ ବର୍ଷସାରା ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳୁଛି। ନଦୀ ଅବବାହିକାର ଲୋକମାନେ ବିଭିନ୍ନ ଚର୍ମରୋଗ ଓ ପେଟରୋଗ ଆକ୍ରାନ୍ତ ହେଉଛନ୍ତି। ଭୁବନେଶ୍ୱରସ୍ଥିତ ବିଭିନ୍ନ ଶିକ୍ଷାଞ୍ଚଳ ଓ ହସ୍ପିଟାଲରୁ ନିର୍ଗତ କେମିକାଲ୍ ଓ ବ୍ୟାକ୍ଟେରିଆଯୁକ୍ତ ଦୂଷିତ ଜଳ ଗଙ୍ଗୁଆ ନାଳ ଦେଇ ପ୍ରତିଦିନ ଦୟାନଦୀରେ ମିଶୁଛି। ଫଳରେ ନଦୀରେ ଥିବା ମାଛମାନେ ରୋଗାକ୍ରାନ୍ତ ହେଉଛନ୍ତି। ବିଶୋଧକ ଯନ୍ତ୍ର ସାହାଯ୍ୟରେ ଗଙ୍ଗୁଆ ପାଣିକୁ ବିଶୋଧନ କରି ଦୟାନଦୀକୁ ଛଡ଼ାଯିବ ବୋଲି ୧୦ ବର୍ଷ ହେବ ଡ୍ରେନେଜ୍ ବିଭାଗ ସ୍ତରରୁ ଶୁଣିବାକୁ ମିଳୁଛି।

## କେଏମ୍‌ବିବି ମହାବିଦ୍ୟାଳୟର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ: 'ଡାକ୍ତରୀ ବୃତ୍ତି ବାଦ୍ ବି ଭଲ ଛାତ୍ର ରୋଜଗାରକ୍ଷମ ହୋଇପାରିବ'

କଟକ, ୦୩/୦୭ (ନି.ପ୍ର): ଓଡ଼ିଆ ଅଭିଭାବକମାନେ ସାଧାରଣତଃ ତାଙ୍କ ପିଲା ଡାକ୍ତର ହୁଅନ୍ତୁ ବୋଲି ଚାହାନ୍ତି। ଯଦି ପଡ଼ୋଶୀ ଘରେ କେହି ଡାକ୍ତର ହେଇଛନ୍ତି, ତେବେ ତାଙ୍କ ମନ ଦୁଃଖ ହୁଏ। କିନ୍ତୁ ଏହି ଡାକ୍ତରୀ ବୃତ୍ତି ବାହାରେ ବି ଜଣେ ଛାତ୍ର ଭଲ ରୋଜଗାରକ୍ଷମ ହୋଇ ଜୀବନକୁ ଉପଭୋଗ କରିପାରିବ। କେଏମ୍‌ବିବି ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଏଭଳି କହିଛନ୍ତି। କେଏମ୍‌ବିବି ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ରବିବାର ବାରଙ୍ଗ ନରଣପୁର କ୍ୟାମ୍ପସ୍‌ରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର ନନ୍ଦ ଯୋଗଦେଇ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଆମ ଦେଶର ଭବିଷ୍ୟତ। କେହି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ କି ବୈଜ୍ଞାନିକ ହେବାକୁ ଯଦି ଇଚ୍ଛା କରୁଛନ୍ତି ତେବେ ଆଜିଠାରୁ ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ। ଏହା ପୂର୍ବରୁ ଅଭିଭାବକ ଓ ଶିକ୍ଷକଙ୍କ ସହିତ ଆଲୋଚନା କରନ୍ତୁ। ଏଭଳି କଲେ ସଫଳତା ନିହାତି ମିଳିବ ବୋଲି ପ୍ରଫେସର ନନ୍ଦ କହିଛନ୍ତି। ଅନୁଷ୍ଠାନ କିଭଳି ଅଧିକ ସୁନାମ ଅର୍ଜନ କରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର। ଏହାସହିତ ସେ କହିଥିଲେ ଯେ, ଯେତେବେଳେ ବାପାଙ୍କ ଆଙ୍ଗୁଠି ଧରି ମେଳା ଭିତରେ ପିଲାଟି ଚାଲିଥାଏ ସେତେବେଳେ ସେ ନିର୍ବିକାର ଥାଏ। ବାପାଙ୍କ ଆଙ୍ଗୁଠି ଧରିଥିବା ପର୍ଯ୍ୟନ୍ତ ପିଲାଟି ଡରେ ନାହିଁ, ହଜିବାର ଭୟ ନଥାଏ। ସବୁ ପିଲାମାନେ ତାଙ୍କ ବାପା ମାଙ୍କ ପ୍ରତି ଏଭଳି ଭରସା ଯେଭଳି ରଖିପାରିବେ, ସେଥିପାଇଁ ପରିବେଶ ସୃଷ୍ଟି କରାଯାଉ ବୋଲି ଅଭିଭାବକମାନଙ୍କୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଉଦ୍‌ଘାଟକ ଭାବେ ଓଲିଓଡ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର କହିଥିଲେ, ପିଲାଟି ଆମ ଭବିଷ୍ୟତ। କିନ୍ତୁ ପିଲାକୁ ସେତେବେଳେ ଭବିଷ୍ୟତ କହିବା, ଯେତେବେଳେ ଆମେ ପିଲାର ବର୍ତ୍ତମାନକୁ ଠିକ୍ କରିପାରିବା।

## ପ୍ରଥମଥର ପାଇଁ ରାଜ୍ୟରେ ଦୃଷ୍ଟିବାଧିତଙ୍କ ଲାଗି ଯୁକ୍ତଦୁଇ କଲେଜ ଖୋଲାଯିବ

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ରାଜ୍ୟରେ ପ୍ରଥମଥର ପାଇଁ ଦୃଷ୍ଟିବାଧିତଙ୍କ ଲାଗି ଯୁକ୍ତଦୁଇ କଲେଜ ଜୁଲାଇ ୩ ତାରିଖରେ ଭୁବନେଶ୍ୱରର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥିର କରିଛନ୍ତି ବୋଲି ଭୁବନେଶ୍ୱରର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି। ରବିବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଲୁଇସ୍ ବ୍ରେଲୀ ଫାଉଣ୍ଡେସନ ପକ୍ଷରୁ ୧୦ମ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶାର ପ୍ରତ୍ୟେକ ଦୃଷ୍ଟିବାଧିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେଇ ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟ ସରକାର ଦୃଷ୍ଟିବାଧିତ ମାନଙ୍କର ସମସ୍ୟା ପ୍ରତି ସଚେତନ ଅଛନ୍ତି ଏବଂ ସେମାନଙ୍କର ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ଉଦ୍ୟମ କରୁଛନ୍ତି। ଦୃଷ୍ଟିବାଧିତଙ୍କ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରାଗଲେ ସେମାନେ ମଧ୍ୟ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷତା କରି ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିରିଶ ଚନ୍ଦ୍ର ଦାସ ଦୃଷ୍ଟିବାଧିତ ମାନଙ୍କର ମନୋବଳ ଅତ୍ୟନ୍ତ ଦୃଢ ବୋଲି କହି ସେମାନଙ୍କୁ ପ୍ରଥମଥର ପାଇଁ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ନିମିତ୍ତ ସମ୍ବର୍ଦ୍ଧନା ଦିଆଯିବା ଦ୍ୱାରା ଭବିଷ୍ୟତରେ ଅନ୍ୟ ଦୃଷ୍ଟିବାଧିତମାନେ ଅନୁପ୍ରାଣିତ ହେବେ ବୋଲି କହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟର ସମସ୍ତ ଦୃଷ୍ଟିବାଧିତ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଲୁଇସ୍ ବ୍ରେଲୀ ଫାଉଣ୍ଡେସନ ଉଦ୍ୟମ କରିଆସୁଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟଦେବବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରାଯିବା ସହ ସମାଜସେବା କ୍ଷେତ୍ରକୁ ମଧ୍ୟ ପ୍ରବେଶ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉଚିତ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦୃଷ୍ଟିବାଧିତ ମାନଙ୍କୁ ଦୟା ନଦେଖାଇ ସେମାନଙ୍କର ପ୍ରାପ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରାଗଲେ ସମାଜରେ ସେମାନେ ମଧ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିପାରିବେ ବୋଲି କହିଥିଲେ। ଲୁଇସ୍ ବ୍ରେଲୀ ଫାଉଣ୍ଡେସନର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁ ନିଜର ବ୍ୟକ୍ତିଗତ ପେନସନ ଅର୍ଥରେ ୭୦ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଉପକରଣ ଓ ବ୍ରେଲୀ ସରଞ୍ଜାମ ଯୋଗାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା କରିବା ଏବଂ କରୋନା ସଂକ୍ରମଣ ସମୟରେ ପ୍ରବାସୀ ଫେରନ୍ତାଙ୍କ ଲାଗି ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ପାସ୍ କରିଥିବା ଭୁବନେଶ୍ୱରର ଲୁଇସ୍ ବ୍ରେଲୀ ସ୍କୁଲ୍‌ର ରାଜକିଶୋର ସାହୁ, ସୁନ୍ଦରଗଡର ଦୃଷ୍ଟିହୀନ ବିଦ୍ୟାଳୟର ମନୁତା ସାହୁ, ଭବାନୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ତୁଷାର ସିଖୁ, ବାଲିଗୁଡ଼ା ଦୃଷ୍ଟିହୀନ ବିଦ୍ୟାଳୟର ଶ୍ରବଣ କୁମାର ପାତ୍ର, କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟର କୁନା ମଣ୍ଡାଙ୍ଗୀ, ବାରିପଦା ଦୃଷ୍ଟିହୀନ ବିଦ୍ୟାଳୟର ସନ୍ତୋଷିନୀ ତୁଙ୍ଗ, କଟକ ଦୃଷ୍ଟିହୀନ ବିଦ୍ୟାଳୟର ଦୟାନିଧି ସାହୁ, ଭୁବନେଶ୍ୱରର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଲୋପାମୁଦ୍ରା ଗଡ଼ନାୟକ ଓ ଜଗତସିଂହପୁର ଆଶ୍ରା ସ୍ପେଶାଲ ସ୍କୁଲ୍‌ର ଯାଜ୍ଞସେନୀ ଦାସ ପ୍ରମୁଖ ୯ଜଣ ଛାତ୍ରଛାତ୍ରୀଙ୍କୁ ନଗଦ ୨୫୦୦ ଟଙ୍କା ଏବଂ ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିବା ବେଳେ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଆଶାଲତା ମହାପାତ୍ର ଏବଂ ଦୃଷ୍ଟିହୀନ ସମାଜସେବୀ ବିନୋଦ ବିହାରୀ ସାହୁଙ୍କୁ ନଗଦ ୫ ହଜାର ଟଙ୍କା, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ମୁଖ୍ୟଅତିଥି ବିଧାୟକ ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ।

# ଖଦିରେ ସେଲିବ୍ରିଟି

ଖଦିବସ୍ତ୍ର ମନେ ପକାଇଦିଏ ବାପୁଜୀଙ୍କ କୁଟି ଖାଅ, କାଟି ପିନ୍ଧିର ବାର୍ତ୍ତାକୁ । ବ୍ରିଟିଶ ଶାସନାଧୀନ ଦେଶରେ ବିଦେଶୀ ବସ୍ତ୍ରବର୍ଜନ କରି ସ୍ୱଦେଶୀ ତଥା ଖଦିବସ୍ତ୍ରକୁ ଆପଣେଇବାର ଅଭିଯାନ ଆରମ୍ଭ କରିଥିଲେ ଜାତିର ପିତା ମାହାତ୍ମା ଗାନ୍ଧୀ । ଏବେ ଏହି ଦେଶୀ ବସ୍ତ୍ର ବିଶ୍ୱବ୍ୟାପୀ ପ୍ରସାର ଲାଭ କରିବାକୁ ଲାଗିଛି ।

ଖଦିବସ୍ତ୍ର ପାରମ୍ପାରିକ ପରିଧାନଠାରୁ ଉର୍ଦ୍ଧ୍ୱରେ ଏବେ ବିଭିନ୍ନ ଫ୍ୟାଶନେବୁଲ ପୋଷାକ ପ୍ରସ୍ତୁତ କରାଯାଉଛି ଏଥିରେ । ଫଳରେ ବଢୁଛି ଏହାର ଲୋକପ୍ରିୟତା । ଭାରତର ଅନେକ ନାମୀ ବ୍ୟକ୍ତିଙ୍କ ସହ ବଲିଉଡର ଅନେକ ସେଲିବ୍ରିଟି ଏହାର ମାୟାରେ ପଡ଼ିସାରିଛନ୍ତି...



**ଅମିତାଭ ବଚ୍ଚନ-** ବଲିଉଡ୍ ଶେହନଶାହ ଅମିତାଭ ବଚ୍ଚନ ଅନେକ ସମୟରେ ଖଦିର କୁର୍ତ୍ତା ଓ ୱେଷ୍ଟ କୋଟ୍ ପିନ୍ଧୁଥିବାର ଦେଖିବାକୁ ମିଳନ୍ତି । ତେବେ ସେ ହେଉଛନ୍ତି ଖଦି ଓ ଗ୍ରାମ୍ୟ ଉଦ୍ୟୋଗ କମିଶନର ବ୍ରାଣ୍ଡ୍ ଆମ୍ବାସାଡର । ହେଲେ ସେ ଅନ୍ୟ ବ୍ରାଣ୍ଡ ଆମ୍ବାସାଡରଙ୍କ ଭଳି ପ୍ରଚୁର ଅର୍ଥ ଦାବି ନ କରି ଏହି କାମ ସମ୍ପୂର୍ଣ୍ଣ ମାଗଣାରେ କରନ୍ତି । ଯେପରି କି ଏହାର ପ୍ରଚାର ପ୍ରସାର ହୋଇପାରିବ ।

**ଅରୁନ୍ଧତୀ ରୟ:-** ମ୍ୟାନ ବୁକର୍ ପୁରସ୍କାର ବିଜୟିନୀ ତଥା ଟାଇମ୍ସ ମାଗାଜିନ୍‌ରେ ପୃଥିବୀରେ ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇଥିବା ଅରୁନ୍ଧତୀ ରୟ ଭାରତୀୟ ପାରମ୍ପାରିକ ପୋଷାକକୁ ବହୁତ ଭଲ ପାଆନ୍ତି । ସିମ୍ପଲ ଓ କ୍ଲାସି ଲୁକ୍‌ରେ ରହୁଥିବା ଅରୁନ୍ଧତୀ ପେରୋ ବ୍ରାଣ୍ଡର ପୋଷାକ ପିନ୍ଧନ୍ତି । ଯାହାକି ଭଲ ହସ୍ତତନ୍ତ ପୋଷାକ ପାଇଁ ପରିଚିତ । ତେଣୁ ଅରୁନ୍ଧତୀ ଅନେକ ସମୟରେ ସୁନ୍ଦର ଖଦିବସ୍ତ୍ରରେ ଦେଖିବାକୁ ମିଳନ୍ତି ।

**ସୋନମ କପୁର:-**

ନିଜର ସ୍ୱତନ୍ତ୍ର ଷ୍ଟାଇଲ ପାଇଁ ବେଶ୍ ପରିଚିତ ବଲିଉଡ ଅଭିନେତ୍ରୀ ସୋନମ କପୁର । କାନ୍ସର ରେଡ୍ କାର୍ପେଟ ହେଉ କି ଷ୍ଟ୍ରଟ୍ ଫ୍ୟାଶନ, ଷ୍ଟାଇଲ ଆଇକନ୍ ସୋନମ ସବୁଠି ନିଜର ଜଲୱା ଦେଖାଇଛନ୍ତି । ନିକଟରେ ଆଇଆଇଏମ୍ ଅହମ୍ମଦାବାଦରେ ହୋଇଥିବା ଫ୍ୟାଶନ୍ ଶୋ ରେ ଖଦିବସ୍ତ୍ରର ପ୍ରଚାର ପାଇଁ ସଲମାନଙ୍କ ସହ ସେ ର୍ୟାମ୍ପରେ ଚାଲିଥିଲେ । ଫ୍ୟାଶନ କାଉନ୍ସିଲ ଅଫ୍ ଇଣ୍ଡିଆ ଓ ଗୁଜୁରାଟ ଷ୍ଟେଟ ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରଜ ବୋର୍ଡ ମିଳିତ ଭାବେ କ୍ୟାମ୍ପେନ କରିଥଇଲେ । ଏମିତିରେ ଅନ୍ୟଦିନରେ ବି ସୋନମ ଖଦିବସ୍ତ୍ର ପିନ୍ଧିଥାଆନ୍ତି । ଖଦିର କୁର୍ତ୍ତି, ଶାଢ଼ି ତାଙ୍କର ବହୁତ ପ୍ରିୟ ।





ସେହିଭଳି ସବାନା ଆଜମୀ ଏକ ରୟାଲିଟି ଶୋ ରେ ପିନ୍ଧିଥିବା ଖଦି କୁର୍ତ୍ତିକୁ ନେଇ ଚର୍ଚ୍ଚା ହୋଇଥିଲା ।

**ବିଦ୍ୟା ବାଲାନ୍ :-**

ଏୟାରପୋର୍ଟରେ କମ୍ଫର୍ଟ ଓ ସିମ୍ପଲ ଲୁକ୍ ପାଇଁ ବିଦ୍ୟା ବାଲାନ୍ ଅନେକଥର ଶ୍ରୁତି ସଞ୍ଚେତିଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର କୁର୍ତ୍ତି-ପାଇଜାମା ପିନ୍ଧିଛନ୍ତି । ତା ଛଡ଼ା ଶାଢ଼ି ପ୍ରିୟ ବିଦ୍ୟାଙ୍କୁ ପାୟଲ ଓ ଜିନିଲଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର ଶାଢ଼ି ବେଶ୍ ପସନ୍ଦ । ବିଦ୍ୟାଙ୍କ କଲେକ୍ସନରେ ଖଦିର ସ୍ଥାନ ସ୍ୱତନ୍ତ୍ର ।

**ନେହା ଧୁପିଆ:-**

କିଛିଦିନ ତଳେ ଆବ୍ରାହମ ଆଣ୍ଡ ଠାକୁରଙ୍କ ଦ୍ୱାରା ଡିଜାଇନ ହୋଇଥିବା ଖଦିର ଏସିମେଟ୍ରିକ କୁର୍ତ୍ତି ପିନ୍ଧି ପାୟଲ ସିଘଲଙ୍କ ଫ୍ୟାଶନ ଶୋ ରେ ନେହା ର୍ୟାମ୍ପାଲରେ ଚାଲିଥିଲେ । ସେଥିରେ ସେ ଲାଗୁଥିଲେ ସିମ୍ପଲ ଓ ଏଲିଗେଣ୍ଟ ।

**କୋଙ୍କଣା ସେନ୍:-** ଡସ୍କି ବ୍ୟୁଟି କୋଙ୍କଣା ସେନଙ୍କର ଫ୍ୟାଶନ ଡିଜାଇନ ଅନାବିଲା ବହୁତ ପ୍ରିୟ । ତାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଆକର୍ଷଣ ଖଦି ଶାଢ଼ୀ ସେଅନେକ ଥର ପିନ୍ଧିଛନ୍ତି ।

**ଈଶା ଗୁପ୍ତା:-** ଜୟପୁରର ଏକ ଗହଣା ଦୋକାନ ଉନ୍ମୋଚନ କରିବା ପାଇଁ ଈଶା ଗୁପ୍ତା ନୀତା ଲୁଲାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏକ ଲଙ୍ଗ କ୍ରିମ କଲର ଜ୍ୟାକେଟ ପିନ୍ଧିଥିଲେ । ତା ସହ ଅନିତା ଡୋଙ୍ଗରେଙ୍କର ଏକ ପିଙ୍କ କଲର ପ୍ୟାଣ୍ଟ ପେୟାର କରିଥିଲେ ।



# ହେପାଟାଇଟିସ୍ ଓ ଲିଭର କ୍ୟାନସର

ଲିଭର କ୍ୟାନସର ଏକ ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ । ପ୍ରତିବର୍ଷ ସମଗ୍ର ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ହରାଇଥାନ୍ତି । ସମଗ୍ର ପୃଥିବୀର ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି । ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ମିତରେ ଏହି କ୍ୟାନସରର ପ୍ରାଦୁର୍ଭାବ ବେଶୀ । ଫୁସ୍ ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି । ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ । ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନମ୍ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ । ଟେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି । ଲିଭରରେ ଅତ୍ୟଧିକ ଚର୍ମି ଜମିବା, ଧୂମ୍ରପାନ ସେବନ, ଆଫ୍ ଲାଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ । ଭାରତର ହେପାଟାଇଟିସ୍ ବି ସାଧାରଣଃ ୨-୭ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖଣଯାଏ । ହେପାଟାଇଟିସ୍ ବିରେ ସଂକ୍ରମିତ ଚାରିଜଣଙ୍କ ମଧ୍ୟରୁ ଜଣଙ୍କର ଲିଭର କ୍ୟାନସର ହେବାର ଭୟ ରହିଛି ।





ଦେଶର ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି । ଯାହାକୁ ସିଧା ପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ ଲିଭର ସିରୋସିସ୍ ଓ ଲିଭର କର୍କଟ ରୋଗର ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି । ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକଣଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ । ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ସଂଖ୍ୟା ମଧ୍ୟ କମିଯିବ । ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ । ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ । ବ୍ଲଡବ୍ୟାଙ୍କରେ ହେପାଟାଇଟିସ୍ ବି ଓସି ସ୍କ୍ରିନିଂ ମାଧ୍ୟମରେ ହେପାଟାଇଟସ୍ ବି ଓ ସି କୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ।



# କିୱି ଫଳର ଗୁଣ

ବଜାରରେ ଏବେ କିୱି ଫଳର ଚାହିଦା ବଢ଼ିବାରେ ଲାଗିଛି । ଖଟାମିଠା ସ୍ୱାଦଭରା ଏହି ଫଳ ଖାଇବାକୁ ଯେତେ ସ୍ୱାଦିଷ୍ଟ ଶରୀରର ପାଇଁ ସେତେ ଲାଭପ୍ରଦ । ଏହି ଫଳରେ ପ୍ରଚୁର ପରିମାଣରେ ୧୦୦ଗ୍ରାମ କିୱିରେ ୧୫୪ ପ୍ରତିଶତ ଭିଟାମିନ୍-ସି ଥାଏ । ଫଳରେ ଭିଟାମିନ୍-ସି ପ୍ରଚୁର ଥିବାରୁ ଏହା ପେଟ ସମସ୍ୟା ଦୂର କରିଥାଏ । ପାକସ୍ଥଳୀ ଏବଂ ହଜମ ପ୍ରକ୍ରିୟାରେ ଏହା ବିଶେଷ ଉପକାରୀ । ଏହାଛଡ଼ା ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇଲେ ଆସ୍ଥମା ସମସ୍ୟାରୁ ମୁକ୍ତି ମିଳେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହାଛଡ଼ା ଏହି ଫଳରେ ଭିଟାମିନ୍-ଏ, ପୋଟାସିୟମ, କ୍ୟାଲସିୟମ, ଆଇରନ୍, ମ୍ୟାଗନେସିୟମ୍ ଏବଂ ଓମେଗା-୩ ଫାଟି ଏସିଡ୍ ମଧ୍ୟ ରହିଥାଏ । ଯାହା ଶରୀରରେ ରକ୍ତର ପ୍ରବାହ ସମସ୍ୟା ଦୂର କରିବା ସହ ଅବସାଦରୁ ବଞ୍ଚାଇଥାଏ । ସେଥିରୁ ମିଳୁଥିବା ଆଇରନ ହାଡ଼ ଏବଂ ଦାନ୍ତକୁ ମଜବୁତ କରାଇଥାଏ । ୧୦୦ କିୱିରେ ୩୧୨ ପ୍ରତିଶତ ପୋଟାସିୟମ ରହିଥାଏ ।ଯାହା ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଉପାକରୀ ଅଟେ । ଓମେବରା ୩ଫାଟି ଏସିଡ୍ ଥାଏ, ଯାହା ହୃଦରୋଗୀଙ୍କ ପାଇଁ ଲାଭ । ଶରୀରରେ ଇମ୍ୟୁନିଟି କମଥିବା ରୋଗୀଙ୍କ ପାଇଁ ଏହା ଏକ ବରଦାନ । ଏହି ଫଳ ଖାଇଲେ ବଦଳୁଥିବା ପାଗ କାରଣରୁ ହେଉଥିବ । ଇନଫେକ୍ସନଜନିତ ରୋଗ ମଧ୍ୟ ହୋଇନଥାଏ । କିୱିରେ



ଫାଇଟୋକେମିକାଲ ଥାଏ ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରାଇଥାଏ । ଫାଇଟୋକେମିକାଲ ସବୁଜ ପନିପରିବାରେ ବିଶେଷତଃ ଦେଖାଯାଇଥାଏ । ଏହାଛଡ଼ା ଏହି ଫଳ ସୌନ୍ଦର୍ଯ୍ୟ ମଧ୍ୟ ବଢ଼ାଇଥାଏ । ଚର୍ମକୁ ରୁକ୍ଷ ହେବାରୁ ବଞ୍ଚାଇବା ସହ ଚର୍ମର ଉଜ୍ଜ୍ୱଳତା ମଧ୍ୟ ବୃଦ୍ଧି କରିଥାଏ ।

# ପରିସ୍ଥିତି ଅନୁସାରେ ସଂଚୟ

ସୁଖ ସ୍ୱାଚ୍ଛନ୍ଦ ଭରା ଭବିଷ୍ୟତ ପାଇଁ ସଂଚୟର ଗୁରୁତ୍ୱ ସମସ୍ତେ ଜାଣନ୍ତି । ସାଂପ୍ରତିକ ସମୟରେ ସମସ୍ତେ ବସ୍ତୁବାଦୀ ହୋଇ ପଡୁଥିବା ଏବଂ ସମ୍ପର୍କର ଡ଼ୋର ଢ଼ିଲା ପଡ଼ିଯାଉଥିବା ବେଳେ ବୃଦ୍ଧାବସ୍ଥାରେ ସଂଚିତଅର୍ଥ ବହୁତ କାମ ଦେଇଥାଏ । କେହିକେହି ସେହି ଅର୍ଥଲୋଭରେ ସମ୍ପର୍କକୁ ଅତୁଟ ରଖିଥାନ୍ତି ତ କେହିକେହି ସେବା ଦେବାକୁ ଆଗେଇ ଆସନ୍ତି । ତେବେ ସଂଚୟ କିପରି କରାଯିବ ଏବଂ ସେଥିପାଇଁ କଣ ସବୁ ବିକଳ୍ପ ରହିଛି ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ସଂଚୟ ସମ୍ବନ୍ଧରେ ଚିନ୍ତା କଲାବେଳେ କେତେକ କଥା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ତେବେ ପରିସ୍ଥିତିରେ କିଭଳି ସଂଚୟ କରାଯିବା ଦରକାର ସେନେଇ କିଛି ଧାରଣା ।



**ଭୁଲ ସୁଧରେ ନିବେଶ:-** ସାଧାରଣତଃ ସମସ୍ତେ ଚାହାନ୍ତି ଏଭଳି ଯୋଜନାରେ ନିବେଶ କରିବେ ଯେଉଁଥିରେ ଅଧିକ ସୁଧ ମିଳୁଥିବ ଏବଂ ନିଜର ମୂଳଧନ ମଧ୍ୟ ସୁରକ୍ଷିତ ରହୁଥିବ । ଚାକିରି ବା ଭଲ କରି ଦୁଇ ପଲସା କମାଉଥିବା ଲୋକମାନେ ଅବସର ପରେ କିପରି ଅଧିକ ରିଟର୍ଣ୍ଣ ପାଇବେ ସେ ନେଇ ଚିନ୍ତା କରୁଛନ୍ତି । ଧରାଯାଉ ଆପଣ ମାସକୁ ୨୦,୦୦୦ ଟଙ୍କା କମାଉଛନ୍ତି । ଏହି କ୍ଷେତ୍ରରେ ଆପଣ ପ୍ରଥମେ ମୋଟା ଅଙ୍କର ଅର୍ଥ ନିବେଶ କରନ୍ତୁ ନାହିଁ । ରେକରିଂ ଡିପୋଜିଟରେ ମାସିକ ୧୦୦୦ ଟଙ୍କା ଲେଖାଏଁ ରଖନ୍ତୁ । ଏମିତି ପାଞ୍ଚ ବର୍ଷ ମାସିକ ୧୦୦୦ଟଙ୍କା ଲେଖାଏଁ ରଖିବାରେ ଆପଣଙ୍କୁ ବିଶେଷ କଷ୍ଟ ହେବନାହିଁ । ବାର୍ଷିକ ୪,୫% ସୁଧରେ ଆପଣ ବର୍ଷକୁ ୧୩ହଜାର ବା ୬୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇପାରିବେ । ଅବଧି ପୂରଣ ପରେ ଆପଣ ସେହି ଅର୍ଥକୁ ଫିକ୍ସ ଡିପୋଜିଟ୍ କରିପାରନ୍ତି । ଫିକ୍ସ ଡିପୋଜିଟ୍‌ରେ ଆପଣଙ୍କୁ ଭଲ ସୁଧ ମଳିପାରିବ । ଅବସର ନେବା କଥା ଚିନ୍ତା କରୁଛନ୍ତି ତ ମନେ ରଖନ୍ତୁ ସବୁବେଳେ ଅଳ୍ପ ଅଳ୍ପ ସଂଚୟ କରନ୍ତୁ । ଏହା ଅବସର ବେଳକୁ ଆପଣଙ୍କୁ ଭଲ ରିଟର୍ଣ୍ଣ ଦେବ ।

# ହଜିଯାଇଥିଲେ ଖୋଜିଦେବ 'ଟ୍ରାକ୍‌ଆର୍'

ଅନେକ ସମୟରେ ଅଜାଣତରେ ଚାବି କୋଉଠି ରଖିଦେଇଥିବେ ଏବଂ ଜରୁରୀ କାଗଜପତ୍ର ଥିବା ବ୍ୟାଗ କିମ୍ବା ବ୍ରିଫକେସ କୋଉଠି ଛାଡ଼ିଦେଇ ଆସିଥିବେ ବୋଲି ମନେ ପଡ଼େନାହିଁ । ଫଳରେ ଖୁବ ସମସ୍ୟା ଭୋଗିବାକୁ ହୁଏ । ଏହି ଅସୁବିଧାରୁ ମୁକ୍ତ କରିବା ଲାଗି କାଲିଫର୍ଣ୍ଣିଆର ଏକ ଷ୍ଟାର୍ଟଅପ କମ୍ପାନୀ ଏମିତି ଏକ ଉପକରଣଟିଏ ପ୍ରସ୍ତୁତ କରିଛି ଯାହା ସ୍ମାର୍ଟଫୋନ ଜରିଆରେ କାମ କରିବ ଏବଂ ଚାବି ବ୍ରିଫକେଶ ଆଦି ହଜିଯାଇଥିବା ଜିନିଷର ସ୍ଥାନ ସମ୍ପର୍କରେ ଜଣାଇଦେବ । ଏହି ଉପକରଣର ନାମ ଟ୍ରାକଆର ଏବଂ ସ୍ମାଟଫୋନରେ କେବଳ ଟ୍ରାକଆର ଆପ ଇନଷ୍ଟଲ କରି ଉପକରଣଟିକୁ ଏହା ସହ ସଂଯୁକ୍ତ କରିଦେଲେ କାମ କରିଥାଏ । ଏହି ଆପ ମଧ୍ୟ ସମ୍ପୂର୍ଣ୍ଣ ମାଗଣା । ଇନଷ୍ଟଲ କରିବା ଲାଗି ମାତ୍ର ୫ ମିନିଟ ସମୟ ବି ଲାଗିନପାରେ । ଏହା ସହିତ ନିଜ ଚାବି, ବ୍ରିଫକେସ, ପର୍ସ ତଥା ଅତ୍ୟାଧୁନିକ ଗେଜେଟ ଆଦି ଜରୁରୀ ଜିନିଷ ସଂଯୁକ୍ତ କରିଦେଲେ ଆଉ ହଜିବାର ପ୍ରଶ୍ନ ଉଠିବ ନାହିଁ । ଖୋଜିବା ପାଇଁ ହେଲେ କେବଳ ସ୍ମାର୍ଟଫୋନରେ ଟ୍ରାକଆର ଆପ ଖୋଲି ସେଥିରେ ହଜିଯାଇଥିବା ଜିନିଷ ଲାଗି 'ଲଷ୍ଟ ଆଇଟମ' ଆଇକନରେ କ୍ଲିକ କରିଦିଅନ୍ତୁ । ତୁରନ୍ତ ଏହି ଆପ ଜିନିଷଟି କୋଉଟି ଅଛି ଜଣାଇଦେବ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଜୁଲାଇ ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମ ଗଣତନ୍ତ୍ର...

ସମ୍ବିଧାନ- ଯାହାକୁ ପ୍ରାୟ ୭୩ ବର୍ଷ ପୂର୍ବ ଭାରତର ଲୋକମାନେ ଏହି ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ନୀତି ନିୟମଗୁଡ଼ିକ ମାନି ଦେଶରେ ଚଳିବାକୁ ନିଜକୁ ପ୍ରଦାନ କରିଥିଲେ। ତେବେ ଦୀର୍ଘ ସାତ ଦଶନ୍ଧିସରୁ ଅଧିକ ସମୟ ବିତିଯିବା ସତ୍ତ୍ୱେ ଦେଶରେ ଅଳ୍ପ କେତେକ ଲୋକ ରହିଛନ୍ତି, ଯେଉଁମାନେ ଏ ବିଷୟରେ ଅସଚେତନତ ରହିଛନ୍ତି, ଏବଂ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଜ ଭବନଗୁଡ଼ିକୁ ମାଡ଼ି ବସିଛନ୍ତି। ସେମାନେ ସେମାନଙ୍କ ପ୍ରତି ଉତ୍ତରାଦାୟୀ ନିର୍ବାଚିତ ବ୍ୟବସ୍ଥାପିକା ଏବଂ ମନ୍ତ୍ରୀ ପରିଷଦଗୁଡ଼ିକ ଉପରେ ସେମାନଙ୍କର ହୁକୁମ ଚଳାଉଛନ୍ତି, ଏୟା ଭାବି ଯେ ସ୍ୱାଧୀନ ଭାରତରେ ରାଜ୍ୟପାଳମାନେ ସମାନ ସ୍ତରର କ୍ଷମତା ଏବଂ ସ୍ୱାଧୀନତା ଉପଭୋଗ କରିବେ, ଠିକ ଯେମିତି ଉପଭୋଗ କରୁଥିଲେ ବ୍ରିଟିଶ୍ ରାଜ୍ ସମୟରେ ଇଂରେଜ ଗଭର୍ଣ୍ଣର ଜେନେରାଲମାନେ। ସେମାନେ ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସେମାନଙ୍କ ନିକଟରେ ଅନୁମୋଦନ ଲାଭ କରିବା ନିମନ୍ତେ ପ୍ରେରିତ ବିଲଗୁଡ଼ିକ ମଧ୍ୟରେ କେତେକକୁ ନିଜ ମର୍ଜିରେ ସ୍ୱାକ୍ଷର କରିବାବେଳେ ଆଉ କିଛିକୁ ଚାପି ଦେଇ ବସି ଯାଉଛନ୍ତି। ସଂକ୍ଷେପରେ କହିଲେ, ସେମାନେ ଗଣତାନ୍ତ୍ରିକ ବିଚାରଧାରାକୁ ହେୟଭାବ ପ୍ରଦର୍ଶନ କରିବା ସହିତ ସାମ୍ବିଧାନିକ ମର୍ଯ୍ୟାଦାର ଉଲ୍ଲଙ୍ଘନ କରି ଚାଲିଛନ୍ତି। ତାମିଲନାଡୁ ରାଜ୍ୟପାଳ ଆର୍‌ଏନ୍ ରବି ଏହାର ପ୍ରକୃଷ୍ଟ ଉଦାହରଣ। ବେଶ୍ କିଛି ମାସ ହେବ ତାମିଲନାଡୁର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସମ୍ପର୍କରେ ଆଜିକା ଦିନରେ କେହି ଆଉ ଅଜଣା ନୁହନ୍ତି। ତେବେ ଗତ ଗୁରୁବାର ଦିନ ଏହା ସହିବାର ସବୁ ସୀମା ଲଂଘନ କରିଥିଲା, ଯେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ ନକରି ଶ୍ରୀଯୁକ୍ତ ରବି ଜଣେ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କଲେ ଏବା ତା'ର କିଛି ସମୟ ପରେ ନିଜର ଆଦେଶକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନକରି ଅଟକାଇବାକୁ କହିଲେ, ଯାହା ସମ୍ପ୍ରତି ସମ୍ପୃକ୍ତ ରାଜ୍ୟରେ ରାଜନୀତିକ ଝଡ଼ ସୃଷ୍ଟି କରିବା ସହିତ ସମଗ୍ର ଦେଶରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏହି ଦିନ ଶ୍ରୀଯୁକ୍ତ ରବି ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ସହିତ ବିନା କୌଣସି ଆଲୋଚନାରେ ତାଙ୍କ ମନ୍ତ୍ରିମଣ୍ଡଳର ଭି ସେନ୍ଥିଲ ବାଲାଜୀଙ୍କୁ ବରଖାସ୍ତ କଲେ। ସୂଚାଇ ଦିଆଯାଇପାରେ କି ଶ୍ରୀଯୁକ୍ତ ବାଲାଜୀ ଗତ ମାସ ପ୍ରାରମ୍ଭରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଏବେ ହସପିଟାଲ ଏବଂ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

ଶ୍ରୀଯୁକ୍ତ ରବି ତାଙ୍କ ନିକଟକୁ ଶ୍ରୀଯୁକ୍ତ ଷ୍ଟାଲିନଙ୍କ ଦ୍ୱାରା ଆବଣ୍ଟିତ ଏବଂ ପ୍ରେରିତ ମନ୍ତ୍ରୀମାନଙ୍କ ତାଲିକାର ଅନ୍ୟ ସମସ୍ତଙ୍କ ପଦକୁ ଅନୁମୋଦନ ଦେବାବେଳେ କେବଳ ଶ୍ରୀଯୁକ୍ତ ବାଲାଜୀଙ୍କୁ ଗୁରୁବାର ଦିନ ବରଖାସ୍ତ କଲେ ଏବଂ ଏହାପରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଘନେଇବାରୁ ସେହିଦିନ ବିଳମ୍ବିତ ସଂଧ୍ୟାରେ ଶ୍ରୀଯୁକ୍ତ ରବି ଶ୍ରୀଯୁକ୍ତ ଷ୍ଟାଲିନଙ୍କୁ ଏକ ଦ୍ୱିତୀୟ ପତ୍ର ଲେଖି ନିଜର ନିଷ୍ପତ୍ତିକୁ ତାଙ୍କର ଅନ୍ୟ ଆଦେଶ ପର୍ଯ୍ୟନ୍ତ ଅଟକାଇବାକୁ କହିଲେ। କହିବା ବାହୁଲ୍ୟ, ତାଙ୍କର ଏପରି ନିଷ୍ପତ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ପରେ ହୋଇଥିବା ସୁସ୍ପଷ୍ଟ, କାରଣ ସେ କହିଥିଲେ ଯେ ଶ୍ରୀଯୁକ୍ତ ଶାହା ତାଙ୍କୁ ଏଇ ବ୍ୟାପାରରେ ଆଟର୍ଣ୍ଣି ଜେନେରାଲଙ୍କ ମତ ନେବାକୁ ପରାମର୍ଶ ପ୍ରଦାନ କରିଛନ୍ତି। ଶ୍ରୀଯୁକ୍ତ ରବି ଲେଖିଥିଲେ, 'ତଦନୁସାରେ, ମୁଁ ତାଙ୍କର ମତାମତ ନିମନ୍ତେ ଆଟର୍ଣ୍ଣି ଜେନେରାଲଙ୍କୁ ଅନୁରୋଧ କରିଛି। ଇତ୍ୟବସରରେ, ମନ୍ତ୍ରୀ... ବାଲାଜୀଙ୍କ ବରଖାସ୍ତକୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇପାରେ।' ଯେ କୌଣସି ସଚେତନ ନାଗରିକ ବିଶ୍ୱାସ କରିବା ସ୍ୱାଭାବିକ ଯେ ଶକ୍ତିଶାଳୀ ନେତାମାନଙ୍କ ବିରୁଦ୍ଧରେ ଦୁର୍ନୀତିର ଅଭିଯୋଗ ଆସିଲେ ସେହି ଅଭିଯୋଗର ପୁଙ୍ଖାନୁପୁଙ୍ଖ, ନିରପେକ୍ଷ ଏବଂ ତ୍ୱରିତ ତଦନ୍ତ ହେବାର ଆବଶ୍ୟକତା ରହିଛି। ଶ୍ରୀଯୁକ୍ତ ବାଲାଜୀଙ୍କ ବିରୋଧରେ ହୋଇଥିବା ଅଭିଯୋଗଗୁଡ଼ିକ ଗୁରୁତର ଏବଂ ତାଙ୍କୁ ବରଖାସ୍ତ କରିବା ପଛରେ କାରଣ ଭାବରେ ଶ୍ରୀଯୁକ୍ତ ରବି ଯାହା ଦର୍ଶାଇଛନ୍ତି ଯେ ସେ ନ୍ୟାୟର ପଥରୋଧ କରୁଛନ୍ତି, ତା'ର ଆଇନାନୁସାରେ ତଦନ୍ତ କରାଯିବା ଆବଶ୍ୟକ। ସରକାରରେ ରହି ଲୋକମାନଙ୍କୁ ଶାସନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ନୈତିକତା ଏବଂ ସତ୍ୟନିଷ୍ଠତା ଗୁଣଗୁଡ଼ିକ ରହିବା ସଦାସର୍ବଦା ଆଶା କରାଯାଇତାଏ, କିନ୍ତୁ ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଏକ ନିର୍ବାଚିତ ସରକାରଙ୍କ କ୍ଷମତା ପ୍ରତି ହେୟଭାବ ପ୍ରଦର୍ଶନ କରି ଏହା ପାଇବାକୁ ଇଚ୍ଛା କରାଯାଇପାରିବ ନାହିଁ।

ଶ୍ରୀଯୁକ୍ତ ରବିଙ୍କ ସାମ୍ପ୍ରତିକ କାର୍ଯ୍ୟର ଦୁର୍ଭାଗ୍ୟପୂର୍ଣ୍ଣ ଦିଗଟି ହେଉଛି ଯେ ଏହା ବିଜେପିର ବିରୋଧ କରୁଥିବା ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ ଏଭଳି କାର୍ଯ୍ୟ କରୁଛନ୍ତି, ଯାହା ସେହିସବୁ ରାଜ୍ୟର ସରକାରମାନଙ୍କ ପରିସରରେ ବ୍ୟାଘାତ ସୃଷ୍ଟି କରୁଛି ବୋଲି ସୃଷ୍ଟି ହେଉଥିବା ଧାରଣାକୁ ଦୃଢ଼ୀଭୂତ କରୁଛି। ମନେ ହେଉଛି କି ସତେ ଯେପରି ରାଜ୍ୟର ଶାସକ ଦଳ ସହିତ ବାକ୍‌ବିତଣ୍ଡାରେ ମାତି ରହିବାକୁ ସେମାନଙ୍କୁ ବାର୍ତ୍ତା ପ୍ରଦାନ କରାଯାଇଛି। ଏହି ଧାରଣା ଅଧିକ ଦୃଢ଼ୀଭୂତ ହୋଇଥାଏ, ଯେତେବେଳେ ଜଣେ କେରଳ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ପଂଜାବର ସରକାର ଏବଂ ରାଜ୍ୟପାଳମାନଙ୍କ ମଧ୍ୟରେ ହୋଇଥିବା ଘଟଣାଗୁଡ଼ିକୁ ଅବଲୋକନ କରନ୍ତି। ପରନ୍ତୁ, ଯେଉଁସବୁ ରାଜ୍ୟରେ ବିଜେପି ଶାସନ କରୁଛି, ସେଥିମଧ୍ୟରୁ କୌଣସି ଗୋଟିକରେ ହେଲେ ଏଭଳି ଅପ୍ରୀତିକର ଘଟଣା ଦେଖିବାକୁ ମିଳେନାହିଁ। ଗୋଟିଏ ପରେ ଗୋଟିଏ ରାଜ୍ୟରେ ଏଭଳି ମୁହାଁମୁହିଁ ଘଟଣାମାନ ଘଟିବା ଭାରତର ସଂଘୀୟ ବ୍ୟବସ୍ଥା ପ୍ରତି ଏକ ଶକ୍ତ ଆଘାତ କହିଲେ ଅତ୍ୟୁକ୍ତି ହେବନାହିଁ।

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

## ଡ଼.ଅରୁନ୍ଧତୀ ଦେବୀ



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚରିସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ । ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ । ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ। ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା । ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା । ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି । ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ ।


ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ଉତ୍କଳମଣିଙ୍କ ଅନ୍ତିମ ମୁହୂର୍ତ୍ତ

## ଉମେଶ ଚନ୍ଦ୍ର ପାତ୍ର

୧୯୨୮ ଜୁନ୍ ୧୬ ତାରିଖ ସକାଳେ ଗୋପବନ୍ଧୁ ଦାସଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଲା । ତାଙ୍କ ଶଯ୍ୟା ପାଖରେ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ ରାମଚନ୍ଦ୍ର ଆଚାର୍ଯ୍ୟ ଏବଂ ଅନେକ ସହକର୍ମୀ ଓ ସଂପର୍କୀୟ । ପୁରୀର ସିଭିଲ୍ ସର୍ଜନଙ୍କୁ ଟେଲିଗ୍ରାମରେ ଡକାଗଲା । ସେ ଆସି ଚିକିତ୍ସା ବ୍ୟବସ୍ଥା କରିବା ସହ ସତ୍ୟବାଦୀ ଭାରପ୍ରାପ୍ତ ଡାକ୍ତରଙ୍କୁ ସବିଶେଷ ନିର୍ଦ୍ଦେଶ ଦେଇଗଲେ ଏବଂ କହିଲେ ରୋଗୀର ହୃତ୍‌ପିଣ୍ଡ ଖୁବ୍ ଦୁର୍ବଳ ହୋଇପଡ଼ିଥିବା ଭଳି ଜଣା ପଡୁଛି । ତାଙ୍କୁ ବସିବାକୁ ଦେବେ ନାହିଁ । ଗୋପବନ୍ଧୁଙ୍କ ବଡ଼ ଜ୍ୱାଇଁ ଅଧ୍ୟାପକ ରତ୍ନାକର ପତିଙ୍କୁ ଶୀଘ୍ର ଖବର ଦେବା ସହ କିଛି ଫଳ ଆଣି ସତ୍ୟବାଦୀରେ ପହଞ୍ଚିବାକୁ କଟକରେ ଥିବା ରାଧାନାଥ ରଥଙ୍କ ପାଖକୁ ଟେଲିଗ୍ରାମ ପଠାଗଲା । ନୀଳକଣ୍ଠଙ୍କୁ ଗୋପବନ୍ଧୁ କହିଲେ - 'ତୁମେ ସବୁବେଳେ ମୋ ପାଖେ ପାଖେ ଥାଅ' । ୧୬ ତାରିଖ ମଧ୍ୟ ରାତ୍ରୀ ବେଳକୁ ଉତ୍କଳମଣିଙ୍କ ହୃଦ୍‌ଯନ୍ତ୍ର ଅତି ଦୁର୍ବଳ ହୋଇଗଲା, ନିଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କଲେ । ୧୭ ତାରିଖ ଦିନ ପୁଣି ଥରେ ପୁରୀ ସିଭିଲ୍ ସର୍ଜନଙ୍କୁ ଡକାଗଲା । ପରୀକ୍ଷା କରିସାରି ସିଭିଲ୍ ସର୍ଜନ ବାହାରେ ଆସି କହିଲେ - 'ଆଉ ଆଶା ନାହିଁ... ଶେଷ ମୁହୂର୍ତ୍ତ ଆସିଗଲାଣି ।' କେତୋଟି ଇଞ୍ଜେକସନ୍ ଦେବାକୁ ପରାମର୍ଶ ଦେଇ ସେ ସମସ୍ତଙ୍କୁ ସତର୍କ କରାଇଦେଲେ - 'ମନେ ରଖନ୍ତୁ, ସଙ୍କଟ ସମୟ ହେଉଛି ସନ୍ଧ୍ୟା ୭ଟା ରାତି ୧୧ଟା, ଭୋର ୪ଟା ।' ଓକିଲ ଜଗବନ୍ଧୁ ସିଂହ ଓ ବନମାଳି ଦାଶ ଖବର ପାଇ ସତ୍ୟବାଦୀରେ ପହଞ୍ଚିଲେ । ଚାହୁଁ ଚାହୁଁ ଲୋକଙ୍କ ସୁଅ ଛୁଟିଲା ସତ୍ୟବାଦୀକୁ । ସେ ପର୍ଯ୍ୟନ୍ତ ଗୋପବନ୍ଧୁଙ୍କ ଚେତା ଥାଏ ମୁହଁ ପୂର୍ବ ଭଳି ସତେଜ ଦିଶୁଥାଏ । ସେ ସ୍ପଷ୍ଟ ଭାବେ ଏବଂ ଉତ୍ସାହର ସହିତ କଥାବାର୍ତ୍ତା କରିପାରୁଥିଲେ । ଜଗବନ୍ଧୁ ସିଂହଙ୍କୁ ଗୋପବନ୍ଧୁ କହିଲେ - 'ସମୟ ଓ କର୍ମ ଅନୁସାରେ ଆମ ଭିତରେ କେତେଥର ମତଭେଦ ହୋଇଛି । ସେ ସବୁ ମନେ ରଖିବ ନାହିଁ; କ୍ଷମା ଦେବ ଓ ଭୁଲିଯିବ ।' ଜୁନ୍ ୧୭ ଅପରାହ୍ନ ପ୍ରାୟ ୧ଟା ବେଳେ ଅନ୍ୟମାନଙ୍କ ପରାମର୍ଶ ଅନୁସାରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ପଚାରିଲେ - 'ସଂପତ୍ତି ବାଡ଼ି ବିଷୟରେ ଆପଣ କିଛି ନିର୍ଦ୍ଦେଶ ଦେବାକୁ ଚାହୁଁଛନ୍ତି ?' ଗୋପବନ୍ଧୁ କହିଲେ - 'ହଁ, ବହୁତ କିଛି କହିବାକୁ ଅଛି । ସମସ୍ତଙ୍କୁ ଡାକ । କାଗଜ କଲମ ଆଣ, ମୁଁ ଯାହା ଡାକୁଚି ଲେଖ ।' ସମସ୍ତେ ଏବେ ତାଙ୍କୁ ଘେରି ବସିଲେ । ଗୋପବନ୍ଧୁଙ୍କ ଡିକ୍‌ଟେସନ ଲେଖିବା ପାଇଁ କାଗଜ କଲମ ଧରି ବସିଲେ ପଣ୍ଡିତ ଲିଙ୍ଗରାଜ ମିଶ୍ର । ମୁମୂର୍ଷୁ ଅବସ୍ଥାରେ ମଧ ସେ ଏତେ ଡାକିଲେ ଯେ ଫୁଲସ୍କେପ୍ କାଗଜରେ ଚାରିପୃଷ୍ଠା ପୁରିଗଲା । ଗୋପବନ୍ଧୁଙ୍କ ସ୍ମୃତିଶକ୍ତି ସେ ପର୍ଯ୍ୟନ୍ତ ପ୍ରଖର ଥିଲା, ସ୍ପଷ୍ଟ ସ୍ୱରରେ ସେ ଡାକୁଥିଲେ । ଉଇଲ୍‌ରେ ସେ ତାଙ୍କ ପରିବାରର ଦେବତା ବିନୋଦ ବିହାରୀଙ୍କୁ ଦେବୋତ୍ତର ରୂପେ ପ୍ରଦତ୍ତ ସଂପତ୍ତି ସମେତ ଅନ୍ୟ ବ୍ୟକ୍ତିଗତ ସଂପତ୍ତି ପାଇଁ ଟ୍ରଷ୍ଟି ନିଯୁକ୍ତ କଲେ । ସତ୍ୟବାଦୀ ପ୍ରେସ୍, ସମାଜ ଖବରକାଗଜ, ସତ୍ୟବାଦୀ ସ୍କୁଲ, ବିଧବାଶ୍ରମ, ବନ୍ୟା ସହାୟତା ପାଣ୍ଠି ଓ ତାଙ୍କ ମାର୍ଫତରେ ଥିବା ଅନ୍ୟ ସଂପତ୍ତିର ପରିଚାଳନା ବ୍ୟବସ୍ଥା ଉଇଲରେ ଉଲ୍ଲେଖ କଲେ । ସେହି ସମୟରେ ରାଧାନାଥ ରଥ ଓ ଜାମାତା ରତ୍ନାକର ପତି କଟକରୁ ଆସି ପହଞ୍ଚିଲେ । ଦୁହିଁଙ୍କୁ ଦେଖି ଗୋପବନ୍ଧୁ କହିଲେ 'ମରିବା ପୂର୍ବରୁ ଶେଷ ଉଇଲ୍ ଓ ସଂପତ୍ତିର ବ୍ୟବସ୍ଥାପତ୍ର ଡାକୁଚି ।' ଉଇଲ୍ ଡାକି ସାରିବା ବେଳକୁ ସାଢ଼େ ପାଞ୍ଚ ବାଜିଥିଲା । ଗୋପବନ୍ଧୁ କହିଲେ 'ମୋ ଯିବା ବେଳ ହୋଇଗଲା.....ମୁଁ ଯାଉଚି ।' ସମସ୍ତେ ତାଙ୍କ ଚାରିପାଖେ ପ୍ରାର୍ଥନା କରିବାକୁ ସେ ନିର୍ଦ୍ଦେଶ ଦେଲେ । ସେହି ପ୍ରାର୍ଥନାରେ ସେ ନିଜେ ବି ଯୋଗ ଦେଲେ । ପ୍ରାର୍ଥନା ମଝିରେ ସେ କହିଲେ ' ମୋ ଉର୍ଦ୍ଧ୍ୱବାୟୁ ହେଉଚି କାହିଁକି..... ଅଣ୍ଟାରେ ଯନ୍ତ୍ରଣା ହେଉଚି ।' ଆଚାର୍ଯ୍ୟ ହରିହର ତାଙ୍କ ଅଣ୍ଟା ଘଷିଲେ । ନାଡ଼ିର ସ୍ପନ୍ଦନ ବନ୍ଦ ହୋଇଯାଇଥିଲା । ବାରମ୍ବାର ଇଞ୍ଜେକ୍‌ସନ ଦିଆଗଲା । କିନ୍ତୁ କିଛି ଫଳ ହେଲାନାହିଁ । ଗୋପବନ୍ଧୁ ଛାତି ଉପରେ ହାତ ଦେଇ କହିଲେ - 'ଏ ଉର୍ଦ୍ଧ୍ୱବାୟୁ ବନ୍ଦ ହୋଇଯାଆନ୍ତା କି !' ଦୁଇ ମିନିଟ ପରେ ତାହା ସତକୁ ସତ ବନ୍ଦ ହୋଇଗଲା । ୧୯୨୮ ଜୁନ୍ ୧୭ ସନ୍ଧ୍ୟା ୭ଟା ୨୫ମିନିଟ୍‌ରେ ଉତ୍କଳ ଜନନୀର ଶ୍ରେଷ୍ଠ ସନ୍ତାନ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଦାସ ଶେଷ ନିଶ୍ୱାସ ତ୍ୟାଗ କଲେ । ସେ ଦିନ ଥିଲା ରଥଯାତ୍ରାର ପୂର୍ବଦିନ - ଜଗନ୍ନାଥଙ୍କ ନବଯୌବନ ଦର୍ଶନ । ତାଙ୍କ ପରଲୋକ ଖବର ବିଦ୍ୟୁତ୍ ବେଗରେ ବ୍ୟାପିଗଲା । ସାରା ଓଡ଼ିଶା ହୋଇଗଲା ସ୍ତବ୍ଧ । ପୁଣ୍ୟପ୍ରାଣ ଉତ୍କଳମଣିଙ୍କ ଜ୍ୱଳନର ଦୀପ୍ତି ଏବେ ବି ତାଙ୍କର 'ବନ୍ଦୀର ଆତ୍ମକଥା', 'ଧର୍ମପଦ', 'ଅବକାଶ ଚିନ୍ତା' ମାଧ୍ୟମରେ ଭାସ୍ୱର ହୋଇଉଠେ। ଦେଶପ୍ରେମ ଓ ମାନବତାର ପୁଣ୍ୟପୀଠରେ ସେହି ତପସ୍ୱୀଙ୍କର ପ୍ରତି ପଦକ୍ଷେପରେ ଯେଉଁ ଦେଶପ୍ରୀତିର ପୁଷ୍ପ ପ୍ରସ୍ଫୁଟିତ ହୋଇଥିଲା ତାହାର ସୌନ୍ଦର୍ଯ୍ୟ-ସୌରଭ ଯୁଗ ଯୁଗ ଧରି ଅମ୍ଳାନ ରହିବ। ଏହିପରି ଜଣେ ତ୍ୟାଗପୂତ ନିଃସ୍ୱାର୍ଥପର କର୍ମବୀର ମନିଷୀଙ୍କ ଜୀବନ ମୂଲ୍ୟବୋଧକୁ ଆଲୋକପାତ କରି Prof. Gilbert Murray KjòQ«ò : "Be careful in dealing with a man who cares nothing for sensual pleasures, nothing for comfort or praise or promotion; but is simply determined to do what he believes to be right. He is a dangerous and uncomfortable enemy because his body which you can easily conquer gives you so little purchase over his soul."


+ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## କବିତା କୋଣାର୍କ

### ଜୀବନ ପିଆଲା

**ସୁନନ୍ଦା ମହାନ୍ତି**

ଜୀବନ ପିଆଲାରେ କେତେ ବୋଝ
କେବେ ଖସେ ସାରା ଆକାଶ
ଜୀବନ ପିଆଲାରେ ଅନେକ ଝଡ଼
ଉମ୍‌ହେଇରୁ ଜୁଇ ଯାଏ ପାଉଁଶ
ଜୀବନ ପିଆଲାରେ କେବେ କୁହୁ ମହୁ
ଆଣିଆସେ ଯେବେ ପଳାଶ
କୃଷ୍ଣଚୂଡା ଅପରାହ୍ନେ
ସାୟାହ୍ନରେ ଡାକେ
ପାଇଯା ବିଭୁ ପାଦ ପରଶ
ଜୀବନ ପିଆଲା ଇଡି
ଯାଇଥାଏ ଯେବେ
ଅଳ୍ପ ଥାଏ ବାକି ଆୟୁଷ
ଜୀବନ ପିଆଲା ଦର୍ପଣ
ପରି ଅନ୍ଧ ଦେଶେ
ବିକେ ବିକାଶର ପିୟୁଷ
ଜୀବନ ପିଆଲା ଝଙ୍କାରେ ଝଙ୍କୁରିତ
ଦୋହଲି ଯାଏ ମଣିଷ
ଚିତ୍ର ଚିତ୍ରକର ଯାଦୁ
ଯାଦୁଗର ସ୍ୱପ୍ନ ଦେଖେ
ସୁନେଲି ସକାଳର ପିଆଲା ସ୍ୱର୍ଶ
ପିଆଲା କେବେ ମହୁଝର
କେବେ ବାଲିଝର
ମଣିଷ ମାରୁଛି ନିଶ୍ୱାସ
ଜୀବନ ପିଆଲା ଭାରା
ଭରି ଭାରି ଲାଗେ
ଟିକିଏ ଛୁଆଁ ଦିଏ
କେବେ ଯେବେ ହସ
ଓଠରେ ପିଆଲା ଶୋଷି ଯାଏ
ଜୀବନ ନିର୍ଯ୍ୟାସ
ଥାଏ ହରି ସାଥେ ହରଙ୍କ ବିଶ୍ୱାସ
ଜୀବନ ପିଆଲା ସୁନା
ରୁପା ହୀରା ମୋତି
ମାଗେନା ପୁରିଲେ ସମୟ
ସାଥେ ବୟସ।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


### ଭସା ମେଘ....

**ଦୀପ୍ତି ମିଶ୍ର**

ଭସା ମେଘ ଖଣ୍ଡେ ଭାସି ଆସି ଦିନେ
ମୋର ମନ ଆକାଶରେ,
ଝିପି ଝିପି ହୋଇ
ଦେଲା ସେ ଭିଜେଇ
ମରି ଗଲି ମୁଁ ଲାଜରେ....।

ତା ପ୍ରୀତି ପରଶେ ଉଲ୍ଲସିତ ହେଲି
ହଜାଇଲି ମୋ ନିଜକୁ,
ଭାବ ସମୁଦ୍ରରେ ବୁଡି ଗଲି ଯେବେ
ଦେଖିଦେଲି ତା ନାଚକୁ ।

ମନ ଆକାଶର ନିଳୀମାରେ ମୁଁ ଯେ
ଦେଖିଲି ତାର ଶୋଭାକୁ,
ସ୍ୱଳ୍ପ କ୍ଷଣ ପାଇଁ ହେଲେ ବି ତା ସାଥେ
ଯୋଡ଼ିଲି ମୋର ଭାବକୁ......।

କେଉଁ ଦୂର ବଣ ପାହାଡ଼
ଗୁହାରୁ ଆସିଥିଲା ମୋର ପାଶେ,
ଢ଼ାଳି ତାର ମଧୁମୟ ପ୍ରୀତି ଗୀତି-
ମୟ କରିବା ସକାଶେ ।

ମୋ ମନ ଆକାଶେ
ଆଙ୍କି ଦେଲା ସିଏ
ଅନୁରାଗ ଭରା ଛବି,
ରୂପା ଜହ୍ନ ହୋଇ ଝଟକି ଉଠିଲା
ଦେଖିଲି ତା ପ୍ରତିଛବି ।

ମୌସୁମୀ ପ୍ରଭାବେ ଉଡିଗଲା ସିଏ
କରି ଶୂନ୍ୟ ଏଇ ନଭ,
ତା ପ୍ରେମ କାହାଣୀ
କହି ଗଲା ମୋତେ
ଲଗାଇ ପ୍ରୀତିର ଭାବ.....।


+ବାରିପଦା


### ସ୍ୱାର୍ଥୀ ମଣିଷକୁ ଦୂରୁ ଜୁହାର

**ତାରାପ୍ରସାଦ ଜେନା**

ସ୍ୱାର୍ଥର ଅର୍ଥକୁ ବଡ଼ କରି ଏଠି
ନିଜର ହୁଅନ୍ତି ଲୋକ
ସ୍ୱାର୍ଥ ଛିଡ଼ି ଗଲେ ପର ଭାବିଦେଇ
ପଛକୁ ବୁଲାନ୍ତି ବେକ
ସ୍ୱାର୍ଥର ଅର୍ଥକୁ ବଡ଼ କରି ଏଠି....।

ଖୋସାମତି କରି ଗୋଟାପଣେ ବୋଲି
ଦେଖାଇ ହୁଅନ୍ତି କେତେ
ଉପରେ ପଡ଼ିକି ଗପ ଯୋଡ଼ିଦେଇ
ଆପଣା ଲାଗନ୍ତି ସତେ,
ଦୁଃଖରେ ଡାକିଲେ ଦେଖାତ ମିଳେନି
ଦୁଆର ବୁଜନ୍ତି ଠକ
ସ୍ୱାର୍ଥର ଅର୍ଥକୁ ବଡ଼ କରି ଏଠି.... !

ଅନେକ ମଜାରେ ହସର ବଜାରେ
ବୁଲାଇ ଦିଅନ୍ତି ଆସି
ଲୁହର କାତରେ ଆହାକୁ ନଥାଇ
ଉଭାନ ହୁଅନ୍ତି ଖସି,
ଏଡ଼ିକି ନିଲଠା ଫାଇଦା ଭିତରେ
ରକତ ଶୋଷନ୍ତି ଜୋକ
ସ୍ୱାର୍ଥର ଅର୍ଥକୁ ବଡ଼ କରି ଏଠି.... !

ଅକାଳେ ସକାଳେ ବନ୍ଧୁର ବେଭାର
ଠାଆକୁ ଖୋଜନ୍ତି ଆଗ
ବିପଦ ଶୁଣିଲେ ମୁହଁକୁ ବୁଲାଇ
ମନକୁ ହୁଅନ୍ତି ରାଗ,
ଏମିତି ସ୍ୱାର୍ଥୀକୁ ଦୂରରୁ ଜୁହାର
ଜମା ସେ ନୁହନ୍ତି ନିକ
ସ୍ୱାର୍ଥର ଅର୍ଥକୁ ବଡ଼ କରି ଏଠି.... ।


+ ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬,
ମୋ: ୯୩୪୮୦୫୪୩୦୦


### ସ୍ୱପ୍ନ ସାମ୍ରାଜ୍ୟ

**ନିରଞ୍ଜନ ସାହୁ**

ଏଇ ଜୀବନଟା ସ୍ୱପ୍ନଭରା ହେଲେ
ଆନନ୍ଦ ଲାଗନ୍ତା ବେଶୀ
ଜୀବନଟା ଯଦି କଣ୍ଟକିତ ହେଲା
ସ୍ୱପ୍ନ ହୋଇଗଲା ପେଶି ।

ସଭିଙ୍କ ମନରେ ସ୍ୱପ୍ନ ଉଙ୍କିମାରେ
କାମ କରିଯିବା ପାଇଁ
ନାମ କମାଇବି ଉପରକୁ ଯିବି
ହାଲିଆ ହେବିନି ଧାଇଁ
ସଭିଏଁ କହିବେ ଜଗତେ ବିଖ୍ୟାତ
ହେଉ ପଛେ ସିଏ ଦେଶୀ ।

ସପନ ପୂରଣ କରିବା ନିମିତ୍ତ
ଯେତିକି ସାଧନା ଲୋଡ଼ା
ସେତିକି ସାଧନ କେଉଁଠୁ ମିଳିବ
ବାପ ଚଢ଼ିନାହିଁ ଘୋଡା
ସ୍ୱପ୍ନ କେଉଁଠାରେ ବନ୍ଧା ପଡ଼ିଯାଏ
କାହା ପାଖେ ହୁଏ ନେସି ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩


### ବରଷା ଗୁଣ ଗାଇବା

**ଜଗଦୀଶ ସାହୁ**

ଟାଣଖରା ଖାଇ ତାତିଥିଲା ଭୂଇଁ
ଭିଜିଲା ବରଷା ପାଗରେ
ହସେ ଆମ ବାଡ଼ି କଲରା କାକୁଡି
ଭେଣ୍ଡି ଜହ୍ନି ଖଡ଼ାଶାଗରେ ।
ସଜନା ଗଛର କଅଁଳ ପତର
ଛନଛନ ହୋଇ ଦିଶିଲା
ଗାଁ ଦାଣ୍ଡ ପାଣି ବୋହି ଯାଇ ପୁଣି
ବଡ଼ ପୋଖରୀରେ ମିଶିଲା ।
ପୁଚ୍ଛ ଟେକି ତାର ନାଚିଲା ମୟୂର
ଆନନ୍ଦ କେ ପାରେ କହିକି
ମେଘ ଘଡ଼ଘଡ଼ି ସଙ୍ଗେ ବେଙ୍ଗରଡ଼ି
ଚମକାଇ ଦେଲା ମହୀକି ।
ନାଲି ଟୁକୁଟୁକୁ ସାଧବ ବୋହୂକୁ
ଦେଖି ଆମ ସାଇ ହସିଲା
ଖୋଲା ପଡ଼ିଆରେ କ୍ଷେତହୁଡ଼ା ପରେ
ବାଲିଛତୁ ଫୁଟି ବାସିଲା ।
ମଙ୍ଗଳମୟୀ ଜନସୁଖଦାୟୀ
ବରଷାର ଗୁଣ ଗାଇବା
ସମାଜ ହିତରେ ବରଷା ଋତୁରେ
ଆସ ଆମେ ଗଛ ରୋଇବା ।


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

## ମୁଁ
### ଭରତ ଚନ୍ଦ୍ର ଦାଶ



ମୁଁ
ତୁମକୁ ଖୋଜେ
ଅନବରତ ଖୋଜେ
କାଳରୁ କାଳାନ୍ତର ଯାଏ
କାହିଁକି କଣ ପାଇଁ
ଉଦ୍ଦେଶ୍ୟ କ'ଣ
ଏ ପ୍ରଶ୍ନର ଉତ୍ତର ତ
ନିରୁତ୍ତର ସମସ୍ତଙ୍କ ପାଖେ
ତେବେ ପ୍ରଶ୍ନ ଓ ଉତ୍ତର
ଯାହା ହେଉନା କାହିଁକି
ମୁଁ ଖୋଜୁଛି
ସୀମା ସରହଦ ଡେଇଁ ।

ଆଶା ତ ଚିରସ୍ରୋତା
ପୁଣ୍ୟତୋୟା ପରି
ପ୍ରବହମାନ ସୃଷ୍ଟିର
ଆଦ୍ୟ ଓଁକାରରୁ
ପ୍ରଳୟର ଶେଷ ସ୍ପର୍ଶ ଯାଏ ।
କାହିଁ ମୋ
ଇପ୍ସିତ ମୁହୂର୍ତ୍ତ
ସ୍ୱପ୍ନିଳ ଆବେଗ
ପ୍ରୀତିମଗ୍ନା ସମ୍ଭୋଗର
ବିଭୋର ବେଳାଭୂମି
ମୋ ଆତ୍ମିକ ନିଃସର୍ତ୍ତ
ସପ୍ରେମ ସମର୍ପଣ ।

ସୃଷ୍ଟିର ପ୍ରାରମ୍ଭରୁ
ପ୍ରାରବ୍ଧ ଯାହା ଥିଲା
ସରି ସରି ଆସୁଛି
ନିର୍ଯ୍ୟାସ ନିଷ୍କର୍ଷ ଯେ
ଏବେ ବି ଅସ୍ପଷ୍ଟ
ଆଶାର ଆଶାବାଡିରେ
ଚାଲିଛି ସମୟ ତାର
ସନ୍ଧାନୀ ମନଶ୍ଚକ୍ଷୁରେ
ଅନ୍ୱେଷଣ ଅନ୍ୱେଷାର ମୋହ
ପରିବ୍ୟାପ୍ତ ଅନନ୍ତରୁ
ମନ୍ୱନ୍ତର ଯୁଗକୁ ।

ଖୋଜିବା ପାଇବା ମଧ୍ୟରେ
ଖୋଜିବାରେ ଆସକ୍ତି
ସର୍ବାଧିକ ବୋଧହୁଏ
ଦିବ୍ୟ ଆନନ୍ଦ ଓ ସନ୍ତୋଷରେ
ସେ ତଲ୍ଲୀନ ତନ୍ମୟତା
ଖୋଜିବୁଲୁଛି ସେଇଥିପାଇଁ ।
ପାଇବାରେ ତାର ପରିସମାପ୍ତି
ଅପ୍ରାପ୍ତିରେ ନିର୍ବାଣ
ମୋକ୍ଷର ଦ୍ୱାର ଉନ୍ମୁକ୍ତ
ଶୂନ୍ୟରୁ ମହାଶୂନ୍ୟ
ଜୀବନ୍ମୁକ୍ତର ମନ୍ତ୍ରରେ
ସେ ଅଭିମନ୍ତ୍ରର ଆହ୍ୱାନରେ ।


+ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-୭୫୬ ୧୨୬
ମୋ: ୯୪୩୭୭୩୭୨୧୬୬


## ଚେମିବୋଉର ସ୍ୱପ୍ନ
### ଶରତ କୁମାର ଦାସ



ଚେମିବୋଉ ଗୋଟେ ଅବୁଝା କବିତା,
ଗୋଟେ ଅସରନ୍ତି ଗାଥା
ଅଣଚାଶ ବା'କୁ ଫୁ'କରି
ଉଡେଇଦେଉଥିବା
ଗୋଟେ ଅଲିଭା ଶକ୍ତ ଦୀପଶିଖା ।

ଚେମିବୋଉ ଗରିବ
ଗରିବ ବୋଲି କ'ଣ ସ୍ୱପ୍ନ ଦେଖିବା ମନା ?
ନା ସ୍ୱପ୍ନକୁ ପଣତରେ ସଜାଇବା ମନା ?

ଘର ସାରା ପାଇଟି କରୁକରୁ ଥକିପଡେ ସିନା
ହେଲେ ହାର ମାନେନି ଚେମିବୋଉ ଜମା ।

ତା' ପେଜୁଆ ଆଖି ହଳକରେ
ସ୍ୱପ୍ନମାନେ ଓହଳିପଡନ୍ତି ଖୁବ୍ ସନ୍ତର୍ପଣେ
ବେଳକାଳ ଦେଖି ଅଳସଭାଙ୍ଗନ୍ତି
ପୁଣି କମ୍ ସଂଘର୍ଷ କରନ୍ତି କି !

ଚେମିବାପା କରିଦେବ ତା' ପାଇଁ
କାନକୁ ଝୁମୁକା ଦି'ଟା
ଆଉ ନାକକୁ ନୋଥ
ଫସଲ ଗଣ୍ଡେ ଭଲେ ଉଠିଗଲେ ଏସନ ।

ବଡଝୁଅକୁ ବା' ଦବ ଭଲ ଘର ଦେଖି
ଦି' ବରଷ ହେଲା ଲାଗିଲାଣି ଯେ
ଠିକ୍ ହୋଇପାରୁନାହିଁ ଧନ ଅଭାବରୁ
ପଇସା ବଳିଲେ ଦି' ବଖରା ଘର ତୋଳିଦବ
ମାଟି ବାଉଁଶରେ ।

ଗେହ୍ଲେଇ ହୋଇ କହୁଥିଲା ସେ
ପୁଅକୁ କଲେଜରେ ପଢାଇବ ପାଠ
ଯେତେ କଷ୍ଟ ହେଲେ ବି
ବିଲକୁ ଛାଡିବନି କେବେ ।

ଏପରି ଅନେକ ଆଙ୍କୁଥିଲା ସ୍ୱପ୍ନର ନକ୍ସା
ନୁଆଁଣିଆ ଚାଳଘରର ଭଙ୍ଗା ଚଟାଣରେ
ଏକାଏକା ବସି ଚେମିବୋଉ ।

ମାତ୍ର ସେ କ'ଣ ଜାଣିଥିଲା ଯେ
ମାଟି ତଳେ ଶୋଇଯିବେ ନୀରବ ମୁଦ୍ରରେ
ଅଧାଗଢା ସ୍ୱପ୍ନ ସବୁ ତା'ର
ଭାଙ୍ଗିଯିବ ବିଶ୍ୱାସର ସବୁଜ ନଅର
ତା କ୍ଷେତର ପାଚିଲା ଫସଲତକ
ଉଜୁଡି ଗଲା ପରେ ଅଦିନ ଝଡରେ ?

ସରକାରୀ ଫାନ୍ଦଫିକର ଜାଣିନି ବୋଲି ତ
ଚେମିବାପା କରଜ ସୁଝି ନପାରି
ନିଜକୁ ମାରିଦେଲା ସିନା
କାହା ଗୋଡ ଧରି ନେହୁରା ହେଲାନି ।

ଆକାଶଟା ଭୁଷୁଡି ପଡିଲା ଏକାବେଳକେ
ଯେମିତି
ଚେମିବୋଉର ମଥା ଉପରେ
ଏକା ହେଇଗଲା ଏତବଡ ଦୁନିଆରେ ସେ ।

ଆଖିର ଲୁହ ଛଡା ନିଜର ବୋଲି
ଆଉ କିଛି ନଥିଲା ସମ୍ବଳ ତା ପାଖରେ ଆଉ
ବୟସର ଲମ୍ବା ଗାର ଟାଣିହେଇଯାଉଥିଲା
ତା' ଦିହଯାକ ଆପେଆପେ ଯାହା ।

ଚେମିବୋଉମାନଙ୍କର ଭାଗ୍ୟ ହିଁ ଏମିତି
ଲୁହକୁ ବରଫ କରିବାର ସୂକ୍ଷ୍ମ କଳାଟି
ଭଲଭାବେ ଜଣା ଏମାନଙ୍କୁ ପରା ।

ଦିହର ଦରଜକୁ ଦିହରେ ମାରିବାର
ସଫଳ ଓସ୍ତାଦ୍ ସତରେ ।


+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଅମୃତ ମୁହୂର୍ତ୍ତ
### ଅନସୂୟା ପଣ୍ଡା



ଶର୍ବରୀର କଳା ଓଢଣି ତଳୁ
ଉଷା ପାଦ ରଖେ ଅମୃତ ମୁହୂର୍ତ୍ତରେ
ମାଟିମଗ୍ନା ହେଇ ସତେକି ନବବଧୂ
ସ୍ୱପ୍ନାୟିତ ଅଭିନିବେଶରେ ।

ଖେଳିଯାଏ ରାଗିଣୀ ଜୀବଠୁ ଜଡଯାଏ
ଆଞ୍ଜୁଳାଏ ନିର୍ମୋହ ସ୍ନେହର ହିଲ୍ଲୋଳ ଧରି
ବସୁଧା ବାସି ଉଠେ ବିଶ୍ୱାସମୟତାରେ
ବୋଲିହୋଇ ସ୍ୱର୍ଣ୍ଣରେତ ଅରୁଣୋଦୟରେ ।

ଜୀବନରେ ମୁଞ୍ଜରିତ ଜୀବନାମୃତ ଢାଳି
ଯାଚଞ୍ଚାରେ ସମର୍ପି ଦିଏ ଜୀବନ
ଉଦିତ ଭାନୁ ଚହଟି ଉଠେ ବ୍ୟାକୁଳତାରେ
ଜାଜୁଲ୍ୟମାନ ହୁଏ ଜୀବନଧାରୀ ପ୍ରାଣ ।

ତାରକସିର ଆଶାମାନେ ଶିଂଗାର ହୁଅନ୍ତି
ସଂଯତ ମନର ମହନୀୟତାର ସ୍ଫୁର୍ତ୍ତିରେ
କୁହୁକ ଅଞ୍ଜନ ବୋଳା ପ୍ରକାଶରେ
କଅଁଳ ମୁଗ୍ଧାକ୍ଷୀ ଉଷା ଆକୃଷ୍ଟ କରିନିଏ
ଅତିନ୍ଦ୍ରିତ ସବୁଜ ପଣତରେ
ପ୍ରୀତିର ଆଦ୍ୟ ଭାଷା ଇଢି ।


+ ବୁର୍ଲା, ସମ୍ବଲପୁର
ମୋ : ୯୪୩୯୨୧୧୯୭୧




## ଜନ୍ମଦିନରେ
### ଆନନ୍ଦ କୁମାର ମାଇତି



ନିଇତି ବଦଳି ଯାଇଛି ମୋ ଜୀବନର
ମାନଚିତ୍ର ।
ଦନ୍ଦି ହେଉଥିବା ବିରସ ଜଂଯାଳ ମାନଚିତ୍ରଟି
ବଦଳିବାର ନା ଧରୁନି ।
ଓଗାଳି ବୁଲୁଛି ବାରମ୍ବାର
ସୁଖ ମୁହୁର୍ତ୍ତର ସମସ୍ତ ଆଗ୍ରାସନକୁ ।
ମନ ଚାରଣ ଭୂମିରେ ସୁବାସିତ ଫୁଲ
ଫୁଟେଇ
ପ୍ରତିଦ୍ୱନ୍ଦି ପାଲଟି ଯାଉଛି
ରାଗ ଆଶାବରୀ ମହକ ମୂର୍ଚ୍ଛନାରେ ।
ସୁଖ ବିଛନ୍ନତାବାଦୀ ପ୍ରୀତି ଅନ୍ତରା ପ୍ରିୟତମା
ତୁମ ଅବିକୃତ, ଅପରିବର୍ତ୍ତିତ, ଚିରନ୍ତନ,
ଅବିରାମ, ଅବିରତ ଭଲପାଇବାକୁ
ମୁଁ ସ୍ୱାଗତ କରିଛି, କରିବି, କରିଚାଲୁଥିବି
ମୋ ବିଶ୍ୱର ଅସମିତ ବିଶ୍ୱାସର ଧ୍ୱଂସର
ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ।


+ ଏରସମା,
ଜଗତସିଂହପୁର


## ଅକର୍ମଶିଳା
### ସ୍ନିଗ୍ଧା ପଣ୍ଡା



ଜହ୍ନର ଗୋଟେ ଓଢଣି ଯେବେ ଖୋଜିଲି
ଫିଙ୍ଗି ଦେଲୁ କୋଟିଏ ଅନ୍ଧାରର ଶାଢୀ,
ତାକୁ ହିଁ ପରଦା କରି ନାଚିଲି କି ନଚେଇଲୁ
ଜାଣିବାର ମୋର ଆଉ କୋଉଠି ଉପାୟ,
ଏତିକି ଜାଣିଲି ମୁଁ
ଦିକିଦିକି ଜଳୁଥିବା ଦୀପର ସଳିତା ଠେଲି
ସଞ୍ଚିବାକୁ ହେବ ଆଲୁଅରୁ ଟିକେ
ଆଉ ଟିକେ ତେଲ ଲୁଣ ଜୀବନର
ବାକିଥିବା ସମୟ ?

ଗଜା ହେବ, କଅଁଳିବ ପତ୍ର
ଉଷୁମ ଟିକିଏ ଲୋଡା ବୋଲି
ହାଡ ଘଷି ଘଷି ଉହ୍ଲେଇରେ ଧରେଇଲି ନିଆଁ
ବୁଢିଆଣି ଜାଲ ଅଠା ଲଗା ସୂତା ଖିଅକୁ
ଛିଣ୍ଡେଇବାକୁ ଯାଇ
ବଳ, କଳ, କଉଶଳ ସାରିଲା ପରେ
ଲାଗିଲା ଏମିତି
ତୋ ସାଙ୍ଗରେ ତଥାପି ଛନ୍ଦି ହେବା ଯେମିତି ହିଁ
ପ୍ରତିଥର ନୂଆ ?

ମୋଟା କାନ୍ଥର ଘର ମୋର
ନିଜ ଭିତରେ ମୋଡି ହୋଇ ଘର କଣରେ
ଲୁଚି ଥାଏ ସାପ
ଡରରେ ମୁଁ ଭାଙ୍ଗିଯିବି ବାଟ କୁଆଡକୁ
ତା'ରି ସାମ୍ନାରେ ତ ଗଢିଚି ସଂସାର
ଶାଖା-ପ୍ରଶାଖା ମେଲେଇ ଯିଏ ଚଉଦିଗକୁ
ମାଡିବ ବୋଲି
ଜଗି ରଖି କରୁଚି ବେଭାର
ତୋର ସିନା ଆଗ ନାହିଁ ପଛ ନାହିଁ
ଶଦ୍ଧ ଆଉ ରଙ୍ଗ ବୁଣେ ମୁଁ ଆଗ ପଛ
ସବୁଆଡେ ଚାହିଁ ?

ତତେ କଣ ଜଣା ହୃଦୟ ଯେବେ ଭାଙ୍ଗି
ପଡେ ନିଜ ଉପରକୁ
ଶିରାରେ ଗୋଟେ ଛୋଟ ଅବରୋଧରେ
କୁଦେଇ ହେଇ ପଡ଼େ ତମାମ୍ ଇହକାଳ
ମୁଁ ଝୁଣ୍ଟି ପଡିଲା ବେଳେ ତୁ ତ ଦୌଡୁ ଥାଉ
ଆଗକୁ
ନିଜ ସ୍ୱର୍ଗ ସନ୍ଧାନରେ ହିମାଳୟଠୁଁ ଆହୁରି
ଉପରେ
ଯେଉଁଠାରେ ସିଂହାସନ ଥିବ ଗୋଟେ ତୋ
ଅପେକ୍ଷାରେ
ଜୟପତାକା ଉଡୁ ବୋଲି ତୋର
ମୁଁ ପଛେ ବୁଡିଥାଏ ଅଧର୍ମ କୁଣ୍ଡରେ
ପଛରେ ପଡ଼ିଥାଏ ଅକର୍ମଶିଳାଟେ ପରି
ତୋର ଅଣଲେଉଟା ରାସ୍ତାରେ ?


+ ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡା,
ବରଗଡ଼-୭୬୮୧୧୧
ମୋ-୯୮୬୧୩୨୩୬୫୦


## କବିତା
### କଳ୍ପନା ମିଶ୍ର



କେବେ ତୁ କବିତା ଲୁହର ବନ୍ୟା
କେବେ ପାରିଜାତ ଫୁଲ
ମନ ଉପବନେ ଫୁଟିଯାଉ ଯେବେ
ଦେଇପାରେନି ତୋ ମୂଲ୍ୟ ।

କେବେ ରୁଷି ଯାଉ ଅଭିମାନରେ ଲୋ
ଖେଳୁ ଶଦ୍ଧ ଲୁଚକାଳି
ଖୋଜୁଥାଏ ତତେ ଫୁଲ ପାଖୁଡ଼ାରେ
ଜପୁଥାଏ କରି ମାଳି ।

ତୋ ପ୍ରେମରେ ଯେ ବେ ପଡିଲି ସଜନୀ
ଅଦିନେ ବରଷା ହେଲା
ମନର ମୟୂରୀ ଶିଖିତୋଳି ଛନ୍ଦେ
ହୃଦୟେ ମୋ ନାଚୁଥିଲା ।

ତୋ ରୂପ ମାଧୁରୀ ଅତି ମନ ଲୋଭା
କି ଛନ୍ଦରେ ଛନ୍ଦି ଦେଲୁ
ଇନ୍ଦ୍ରଧନୁ ସମ କଳ୍ପନାରେ ମୋର
ସପ୍ତରଙ୍ଗ ଭରିଦେଲୁ ।

ଜହ୍ନ ଜୋଛନାରେ ଫୁଲ ଫଗୁଣରେ
ଖୋଜି ମୁଁ ବସିଲି ତତେ
ଝୁରିଲି ତତେ ଲୋ ରୂପର ରୂପସୀ
କି ଗୁଣି କରିଲୁ ମତେ ।


+ ହରିପୁର, ସୁକିନ୍ଦା
ଜିଲ୍ଲା ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩


## ବର୍ଷା ଏବେ ଛାତରେ...ଛାତିରେ
### ମାନସ ରଞ୍ଜନ ନାୟକ



ଜ୍ୟେଷ୍ଠର ନିରୁତା ନିଦାଘକୁ ଏବେ ମିଳିଲା ପ୍ରତୀକ୍ଷିତ ଶୀତଳତାର ଆଶ୍ଳେଷ
ସନ୍ତାପିତ ତୃଣଟି ଭିଜୁଛି ମୌସୁମୀର ଛିଟାରେ, ଗଜୁରୁଛି ସବୁଜ ବିଶ୍ୱାସ
ଛାତ ଉପରେ ଘରଚଟିଆ ଚଞ୍ଚୁଟେକି ଅନୁଭବୁଛି ଆଶୀର୍ବାଦ ବାରିଧାରା
ଝରକା ସେପାଖର ଆଚ୍ଛନ୍ନ ଆକାଶେ ଏବେ ଆଷାଢ଼ର ନିରାସକ୍ତ ପ୍ରୀତିଧାରା ।

ଜୀବନ ଯୋଗରେ ତିଳତିଳ ହୋଇ ସାଧିଲୁ ତୁ କେତେ ତ୍ୟାଗ ତିତୀକ୍ଷାର ତପସ୍ୟା
ସମ୍ପର୍କ ହୋମାଗ୍ନିରେ ଆହୂତି ଦେଲୁ ନିଜସ୍ୱ ସୁଖ ସ୍ୱାଚ୍ଛନ୍ଦର ଅଳିକ ଭରସା
କାଳବୈଶାଖୀକୁ ସ୍ମୃତିକରି ବସୁଧା ଏବେ ସାଉଁଟୁଛି ଶ୍ରାବଣର ଆର୍ଦ୍ର ଶିହରଣ
ବିଶ୍ୱାସର ବୀଜ ବୁଣି ଛିଞ୍ଚିଦେ ବର୍ଷାର ଆଞ୍ଜୁଳେ ଜୀବନ୍ୟାସ, ଜିଉଁ ସମର୍ପଣ ।

ପ୍ରୀତି ବିରହ ପ୍ରେମ ପ୍ରତାରଣାର ଜଟିଳ ଅଙ୍କକଷାରେ ବିତସ୍ପୃହ ଜୀବନ
ମଣିଛୁ ନିଷ୍ଫଳ ତୋର ବିଭୂଦତ୍ତ ଧର୍ମ କର୍ମର ସାଂସାରିକ ବାଇଶି ସୋପାନ
ପରମାତ୍ମାଙ୍କ ପରମାଣୁରେ ହିଁ ନିର୍ଲିପ୍ତ ଶତକୋଟି ସମ୍ଭାବନାର ବିସ୍ଫୋରଣ
ଚାତକର ପ୍ରଚ୍ଛନ୍ନ ବିଶ୍ୱାସନେଇ ଅବିରତ ଦୋହରାଉଥା କର୍ମମନ୍ତ୍ର ଉଚ୍ଚାରଣ ।

ମାଟି ଏବେ ଓଦା ସରସର, ଭୋଗୁଛି ପୁଲକ ସଦ୍ୟ ପରିତୃପ୍ତିର ଅଙ୍କୁରଣ
ଛତା ଫିଙ୍ଗି ଛାତିଖୋଲି ଭିଜିଯା ଛାତରେ ଆଜି, ଧୋଇଯାଉ
ମୋହର ଆସ୍ତରଣ ।


+ ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ: ୯୮୯୦୮୫୧୪୨୭


## ନିଜକୁ କିଛି ସମୟ
### ବର୍ଷାରାଣୀ ମହାମଲ୍ଲିକ



ଏ ସମୟ ବି ଜୀବନ ରେ ଭାରି ଅଜବ ନା
ଅନ୍ୟ କୁ କେତେ ସମର୍ପି ଦିଏ ନିଜକୁ
ଅଥଚ ନିଜ ପାଇଁ ନ ଥାଏ କାଣିଚାଏ ମୁହୂର୍ତ୍ତ ବି
ହସ ମାଡେ ନିଜ ଉପରେ
ଅନ୍ୟ ର ସୁଖ ପାଇଁ କେତେ ପ୍ରହସନ
କମ୍ ଚାଲାକ୍ ଏ ମନ, ସବୁ କଥାରେ ଗୁରୁତ୍ୱ
କିନ୍ତୁ ଭୁଲି ଯାଉ ନା ଆମେ ନିଜକୁ
କେତେ ନିଜ ସହ ମିଶିଛେ, ଜାଣିଛେ.
କେତେ ନିଜେ ନିଜକୁ ନିଜ ଠାରେ ପରଖିଛେ ?
ବସ୍ତୁବାଦ ଦୁନିଆ ରେ ବ୍ୟତିବ୍ୟସ୍ତ ପ୍ରାଣ ବା
କେତେ ନିଜକୁ ସମୟ ଦେବ ?
କେଉଁଠି ପାଇବ ଯେ ଦେବ ?
ସମୟ କଣ କେଉଁ ବିପଣୀ ରେ ପସରା ଦେଇଛି ଯେ
କିଣି ଆଣିବ ?
ଧେତ୍, ଛାଡ଼ ମ ନିଜକୁ ନିଜେ କଣ ସମୟ ଦିଆଯାଏ
ସମୟ ତ ଅନ୍ୟକୁ ଦିଆଯାଏ....
ନିଜକୁ ନିଜେ ଆଘାତ, ଛେଞ୍ଚିଲେ, କେଞ୍ଚିଲେ ବି ଚଳିବ ।
ଗଦା ଗଦା ଫାଇଲ୍ ଭିତରେ ମୁଣ୍ଡ ଗୋଞ୍ଜୁଛି ଅଫିସର
ପାଠ ପଢି ପଢ଼ି ଗ୍ରନ୍ଥକୀଟ ହେଉଛନ୍ତି ପିଲା..
ହେଲେ ଏତେ ସବୁ ପରେ ବି କେଉଁ ଶାନ୍ତି, ସୁଖ ?
ବିଡ଼ା ବିଡ଼ା ଟଙ୍କା କଣ ସବୁ ସୁଖ ଦେଇପାରେ ?
ଯଦିଓ ଲୋକେ କୁହନ୍ତି ଟଙ୍କା ଥିଲେ ସବୁ ଅଛି.....
ହେଲେ କେଉଁ ପ୍ରକାର ଜୀବନ ଅଛି ?
ନିଜକୁ କିଛି ସମୟ ଦେଲେ ଯାଇ ସେଥିରେ ଶାନ୍ତି ଅଛି
ନ ହେଲେ ଯେଉଁଠି ବି ଯାଅ ଦୋକାନ ଖୋଲା ଥିବ
କିନ୍ତୁ ମିଳିବନି ଦୋକାନ ରେ ଖୁସି, ସୁଖ କି ଶାନ୍ତି
ଯେ ପର୍ଯ୍ୟନ୍ତ ନିଜକୁ ନିଜେ ସମୟ ନ ଦେଇଛ ।


+ ଜିଲ୍ଲା : ବରଗଡ଼
ମୋ :-୮୨୬୦୬୫୯୩୩୨


## ଅଣ୍ଡିରିଚଣ୍ଡି
### ଯଶସ୍ୱିନୀ ସାହୁ



ତୁମେ ଝିଅ
ଝିଅ ସିନା ଚୁଡ଼ି ପିନ୍ଧିଲେ,
ଟିକିଲି ନାଇଁଲେ,
ଅଳତା ଲଗେଇଲେ,
କେଶକୁ ସୁସଜ୍ଜିତ କରି ବାନ୍ଧିଲେ ସୁନ୍ଦର ,
ନହେଲେ ଅଣ୍ଡିରିଚଣ୍ଡି ।
ଝିଅଟେ ପାଦ ଚିପିଚିପି ଚାଲିଲେ,
ଧୀରେ କଥା ହେଲେ,
ଅଳ୍ପ ହସିଲେ ଭଲ ।
ଘରେ ଲକ୍ଷ୍ମୀ ରହିବେ
ନହେଲେ ଅଣ୍ଡିରିଚଣ୍ଡି ଟେ ।
ବୋହୂ ତୁମେ, ସ୍ତ୍ରୀ ତୁମେ, ମା' ତୁମେ
ସିନ୍ଦୂର ନାଇଁଲେ ସିନା ସୁନ୍ଦର ।
ହାତରେ ପଟେ କ'ଣ ?
ଶଙ୍ଖା ସାଙ୍ଗେ ଚୁଡ଼ି ପିନ୍ଧିଲେ ଭଲ,
ଓଢ଼ଣା ତୁମ ସମ୍ମାନ ।
ଓଷା ପର୍ବରେ ଅଳତା ନାହିଁ !
କି ହିନ୍ଦୁ ବୋହୂ ?
ପରପୁରୁଷ ସହ ବେଶୀ ମିଶିବନି,
ତୁମେ ଘରର ଇଜ୍ଜତ ।
ନହେଲେ ଅଣ୍ଡିରିଚଣ୍ଡି ବୋହୂ ।

ତୁମେ ଜଣେ ବିଧବା
ତୁମର ସଜ କ'ଣ ହେବ ?
ସ୍ୱାମୀ ମରିବାର ବର୍ଷେ ନ ପୁରୁଣୁ
ହାତରେ କ'ଣ ପ୍ଲାଷ୍ଟିକ ଚୁଡ଼ି,
ତୁମେ ଘରୁ କୁଆଡ଼େ ଯିବ ?
ବିବାହ, ବ୍ରତ, ପୂଜା, ଅଳତା
ତୁମକୁ ସବୁ ମନା ।
କେଶକୁ କ'ଣ ଏତେ ସଜେଇ ବାନ୍ଧୁଛ,
ମଥାରେ କ'ଣ ନାଲି ଟିକିଲି ନାଇଁଛ,
ଏତେ ରଙ୍ଗ ଶାଢ଼ୀ କ'ଣ ପିନ୍ଧିଛ !
ତୁମକୁ ବଞ୍ଚିବା ଛଡ଼ା ଆଉ ସବୁ ମନା ।
ନହେଲେ କହିବେ କି ଉଗ୍ର ଅଣ୍ଡିରିଚଣ୍ଡି !


+ ପୁରୁସାହି, ଖୋର୍ଦ୍ଧା
ମୋ: ୭୫୩୯୮୯୩୯୪୯


## ମୌସୁମୀ
### ପୁଷ୍ପାଞ୍ଜଳି ପଣ୍ଡା



ମୌସୁମୀ ଗୋ ତୁମେ
ବଉଦ ବାରିଦ ପ୍ରେମର ସଙ୍ଗମ ବେଳା
ଆଦ୍ୟ ଆଷାଢ଼ରେ
ନିଦାଘ ପ୍ରାନ୍ତରେ ହରିନିଅ ଗ୍ରୀଷ୍ମ ଜ୍ୱାଳା ।

ଭିଜାମାଟି ଗନ୍ଧ
ଭରେ ଶିହରଣ ସୁରୁଜର ଛାଇ ଧିମା
ନଭ ମେଘାଚ୍ଛନ୍ନ
ବରଷା ଆସନ୍ନ ବର୍ଷିଯିବ ନାହିଁ ସୀମା ।

ଜଡସତ୍ତା ଲଭେ
ପୁନର୍ଜନ୍ମ ଭବେ ସବୁଜିମା ଓଢଣୀରେ
ନଦୀ ନାଳ ଜଳ
ଉତ୍‌ଫୁଲିତ ହୁଏ ସମୟର ସୁଅ ଧାରେ ।


ମୌସୁମୀ ହଜାଏ ପ୍ରେମରେ ମଜାଏ
ସମୀରଣ ମନ୍ଦ ମନ୍ଦ
ପ୍ରେମ ପୃଥିବୀରେ ବର୍ଷା ସମ୍ଭାରରେ
ମୟୁରୀର ନୃତ୍ୟ ଛନ୍ଦ ।

ମୌସୁମୀ ଆଣିଛ ବରଷା ବାରତା
ଶୁଭ ଶଙ୍ଖ ଫୁଙ୍କି ଫୁଙ୍କି
ସାତ ରଙ୍ଗ ମେଳି ହସେ ଖିଲି ଖିଲି
ଇନ୍ଦ୍ର ଧନୁ ମାରେ ଉଙ୍କି ।

ବଦଳଇ ଧରା ମୌସୁମୀ ପରଶେ
ଜୀବନର ଗତି ବଢେ
ପ୍ରକୃତି ରାଣୀର ଋତୁ ଚକ୍ର ଗତି
ପ୍ରେମାସ୍ୱଦ ପ୍ରିତୀ ବାଢେ ।


+ ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର

# ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଟେଷ୍ଟିଙ୍ଗ ଅଧିକ ଓ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବହୁତ କମ୍: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର, ୦୩/୦୭ (ନି.ପ୍ର): ରାଜ୍ୟରେ ଡେଙ୍ଗୁର ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏବର୍ଷ ମଧ ଡେଙ୍ଗୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଜୁଲାଇରୁ ସେପଟ୍ମେର ମାସରେ ଏହା ବଢିଥାଏ ବୋଲି ଆମେ ଜାଣିଛେ । କିନ୍ତୁ ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଟେଷ୍ଟିଙ୍ଗ ସଂଖ୍ୟା ଅଧିକ ଓ ପଜିଟିଭ ସଂଖ୍ୟା ବହୁତ କମ୍ ରହିଛି । ମୋଟ ୧୬ ଜିଲ୍ଲାରୁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛି । ଖୋର୍ଦ୍ଧା ଜିଲ୍ଲାର ୯୬ ଜଣ ପଜିଟିଭ, ଯାଜପୁରରେ ୧୨ , ବାଲେଶ୍ୱରରେ ୧୦ ଏବଂ ଅନ୍ୟାନ୍ୟ ଜିଲ୍ଲାରୁ ଜଣେ ଲେଖାଏଁ ମିଶାଇ ସମୁଦାୟ ୧୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏବେ ସୁଦ୍ଧା ୧୧,୪୬୪ ଜଣଙ୍କର ଟେଷ୍ଟ କରାଯାଇଛି ସେଥିରୁ ୧୮୫ ଜଣ ପଜିଟିଭ ଅଛନ୍ତି । ଗତବର୍ଷ ଏ ସମୟକୁ ୫୯୮୧ ଜଣଙ୍କୁ ଟେଷ୍ଟ କରାଯାଇଥିଲା ସେଥିରୁ ୩୫୩ ଜଣ ପଜିଟିଭ ବାହାରିଥିଲେ, ଯାହା ଏବର୍ଷ ତୁଳନାରେ ବହୁତ କମ୍ ଅଛି । ଏଡିସ ମଶା ସାଧାରଣତଃ ସକାଳ ଓ ସଂଧ୍ୟା ସମୟରେ କାମୁଡ଼ନ୍ତି । ଶୋଇବା ଅବସ୍ଥାରେ ନୁହେଁ, ଏଡିସ ମଶାମାନେ ସ୍ୱଚ୍ଛ ନିର୍ମଳ ପାଣିରେ ବଂଶ ବିସ୍ତାର କରନ୍ତି । ଆମକୁ ସେସବୁ ସଫା କରିବାକୁ ହେବ, ଯେଉଁଥିରେ ସେମାନେ ବଂଶ ବିସ୍ତାର କରନ୍ତି । କୁଲର, ଟିଣ, କୁଡୁଆ ଆଦି ଜିନିଷରେ ପାଣି ଜମିବାକୁ ଦେବା ନାହିଁ । ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସ ହସ୍ପିଟାଲରେ ଡେଙ୍ଗୁର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ।

# କନିକା ବନାଞ୍ଚଳରୁ ୧୦୭ଟି କୁମ୍ଭୀରବସା ଚିହ୍ନଟ

ରାଜନଗର , ୦୩/୦୭ (ନି.ପ୍ର): ସରୀସୃପଙ୍କ ନନ୍ଦନକାନନ ତଥା ବଉଳା କୁମ୍ଭୀରମାନଙ୍କ ପ୍ରାକୃତିକ ବାସସ୍ଥାନ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା କନିକା ବନାଞ୍ଚଳରେ ୧୦୭ଟି କୁମ୍ଭୀର ବସା ଠାବ କରାଯାଇଛି । କନିକା ରେଂଜ୍‌ର ଭିତରକନିକା, ରଗଡ଼ାପାଟିଆ, ଡାଙ୍ଗମାଳ, ସାଉଥ୍ ମହିଁଷାମଡ଼ା, ନର୍ଥ ମହିଁଷାମଡ଼ା ଏବଂ କାଳିଭଂଜଡିଆରେ ଏହି ୧୦୭ଟି ବସା ଚିହ୍ନଟ ହୋଇଥିବା ବନାଞ୍ଚଳ ଅଧିକାରୀ ମାନସ କୁମାର ଦାସ ସୂଚନା ଦେଇଛନ୍ତି । ଏବେ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଚାଲିଛି । ପ୍ରତିବର୍ଷ ଭଳି ଏ ବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିବ । ଏହି ସମୟରେ ମା ବଉଳା କୁମ୍ଭୀରମାନେ ନଦୀର କୁଆରଠାରୁ ୫ଫୁଟ ଦୂରତ୍ୱରେ ନଦୀ ପଠାରେ ବସା ବାନ୍ଧିଥାନ୍ତି । ପୁରୁଷ ବଉଳା କୁମ୍ଭୀର ହେନ୍ତାଳ, ଖରଖରି ଓ ଅନ୍ୟାନ୍ୟ ପତ୍ରକୁ ନେଇ ଦୁଇରୁ ଅଢେଇ ଫୁଟ ଉଚ୍ଚର ବସା ବାନ୍ଧିଥାନ୍ତି ।



# ରାଷ୍ଟ୍ରୀୟ ରକ୍ତଶିଳୁଳି ଜନିତ ରକ୍ତହୀନତା ନିରାକରଣ ଅଭିଯାନର ଶୁଭାରମ୍ଭ

ସୁବର୍ଣ୍ଣପୁର, ୦୩/୦୭ (ନି.ପ୍ର): ରାଷ୍ଟ୍ରୀୟ ରକ୍ତଶିଳୁଳି ଜନିତ ରକ୍ତ ହୀନତା ନିରାକରଣ ଅଭିଯାନ ର ଶୁଭାରମ୍ଭ ମଧ୍ୟପ୍ରଦେଶର ସାହାଡୋଲ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ରାଜ୍ୟ ସ୍ତରୀୟ ଶୁଭାରମ୍ଭ ଆଭାସୀ ଜରିଆରେ ସୁବର୍ଣ୍ଣପୁର ରୁ ଆରମ୍ଭ କରାଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ନିରଞ୍ଜନ ପୂଜାରୀ ଯୋଗଦାନ କରି ୧୫ ଜଣ ସିକିଲ ସେଲ ହିତାଧିକାରୀଙ୍କୁ ସିକିଲସେଲ କାର୍ଡ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଜିଲ୍ଲା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ ଅଦାବର, ଡି ପି ଏମ ଶ୍ରୀ ବିଶ୍ୱମ୍ଭର ବେହେରା, ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଏହି ଶୁଭ ଅବସରରେ ଜିଲ୍ଲାର ସମସ୍ତ ୮୯ ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବକ ଚ଼ିହ୍ନଟ ହିତାଧିକାରୀଙ୍କୁ ସିକିଲସେଲ କାର୍ଡ ପ୍ରଦାନ କରାଯାଇଛି ।

# ପିକଅପ ଭ୍ୟାନ ସହ ଲକ୍ଷାଧିକ ଟଙ୍କାର କାଠ ଜବତ: ୩ ଅଟକ

ମାଲକାନଗିରି, ୦୩/୦୭ (ନି.ପ୍ର): ବର୍ତ୍ତମାନ ସମଗ୍ର ରାଜ୍ୟରେ ୫ଦଫା ଦାବି ନେଇ ବନ କର୍ମଚାରୀ ମାନେ ଆନ୍ଦୋଳନ ଚଳାଇ ଛନ୍ତି । ଏହାର ଫାଇଦା ଉଠାଉ ଛନ୍ତି କାଠ ମାଫିଆ ମାନେ । ମାଲକାନଗିରି ଜିଲ୍ଲାର ମାଥିଲି, ଚିତ୍ରକୋଣ୍ଡା, ବାଲିମେଳା, କାଲିମେଳା, ମୋଟୁ, ମାଲକାନଗିରି ବନାଂଚଳରେ କାଠ ମାଫିଆ ମାନେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରି ଗାଡି ଗୁଡିକ ରେ ମୂଲ୍ୟବାନ ଶାଗୁଆନ କାଠ ଚୋରା ଚାଲାଣ କରୁଛନ୍ତି ! ଏପରି କି ଟ୍ରାକଟର ଗୁଡିକ ରେ ତଳେ କାଠ ରଖି ଉପରେ ବାଲି ଲୋଡ କରି ଦିନ ଦୁଇପ୍ରହରରେ ସର୍ବ ସମ୍ମୁଖ ରେ କାଠ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି !କାଲିମେଳା ବନାଂଚଳ ଅନ୍ତର୍ଗତ ପଡିଆ ଅଂଚଳରୁ ଲକ୍ଷାଧିକ ଟଙ୍କା ମୂଲ୍ୟ ର ଶାଗୁଆନ କାଠ ଚୋରା ଚାଲାଣ ହେଉଥିବା ଖବର ପାଇ ପଡିଆ ଠାରେ ଥିବା ବନ ବିଭାଗ ପାରା ଷ୍ଟାଫ ମନେ ଉକ୍ତ ଗାଡିକୁ ଜବତ କରିବା ସହ ଏହି ଚୋରା ଚାଲାଣ ରେ ସମ୍ପୃକ୍ତ ଥିବା ଗାଡି ଡ୍ରାଇଭର ସହ ଅନ୍ୟ ୨ ଜଣଙ୍କୁ ଆଣି କାଲିମେଳା ବନାଂଚଳ କାର୍ଯ୍ୟାଳୟ ଠାରେ ଅଟକ ରଖି ଉକ୍ତ କାଠ କାହା ପାଖକୁ ଯାଉଥିଲା ସେନେଇ ତଦନ୍ତ ଚଳାଇ ଛନ୍ତି । ମିଳିଥିବା ସୂଚନା ଅନୁଯାଇ ଓଆର ୧୦ ଏଚ ୧ ୫ ୯ ୭ ନମ୍ବର ଏକ ପିକଅପ ଭ୍ୟାନ ରେ କାଠ ଲୋଡ ହୋଇ ପଡିଆ ରୁ ଗୋରଖ ପାଲ୍ଲୀ ଦେଇ ଏମ ଭି -୭ ୯ କୁ ଯାଉଥିବା ସୂଚନା ପାଇ ପାଲଗୁଡା ଗ୍ରାମ ଠାରେ ବନବିଭାଗ ପରା ଷ୍ଟାଫମା ନେ ଉକ୍ତ ଗାଡିକୁ ଅଟକାଇ ଥିଲେ । ଯାଂଚ ବେଳେ ଗାଡ଼ିରେ ୭ ୧ ଟି ଶାଗୁଆନ ପଟ୍ଟା ଓ ୧ ୭ ଟି ଚୌକାଠ ଥିବା ଦେଖିବାକୁ ପାଇଥିଲେ । ପରେ ପଡିଆ ପୋଲିସ ସହାୟତା ରେ କାଠ ଭର୍ତି ଗାଡିକୁ କାଲିମେଳା ବନାଂଚଳକୁ ଆଣିଥିଲେ । ଏହି ଘଟଣା ରେ ଗାଡି ଡ୍ରାଇଭର ପଡିଆ ଗ୍ରାମର ବିଶ୍ୱଜିତ ମହାଲଦାର, ପାଲଗୁଡା ଗ୍ରାମର ମିଟୁ ଓ ପଦିଆ କୁ ଅଟକ ରଖାଯାଇଛି ! ଏବିଷୟରେ ରେଞ୍ଜର ସୁଶାନ୍ତ କୁମାର ଦଳାଇ ଙ୍କ ସହ ଯୋଗାଯୋଗ କରିବା ରୁ ୧୬୪/୨୩ ରେ ଏକ ମାମଲା ରୁଜୁ କରାଯାଇଛି !କାଠ କାହା ପାଖକୁ ଯାଉଥିଲା ଏବିଷୟରେ ଅଧିକ ତଦନ୍ତ ଚାଲିଛି !ଜବତ ହୋଇ ଥିବା ୮୮ ଖଣ୍ଡ କାଠ ପଡିଆ ଅଂଚଳ ର ଜୈନିକ ଫାର୍ମାସିଷ୍ଟ, ଏମ ଭି -୭ ୯ ଜଣେ ଡାକ୍ତର ଙ୍କ ନିକଟକୁ ପଠାଉ ଥିବା ଅଭିଯୋଗ ହେଉଛି !ଉକ୍ତ ଅଭିଯୋଗ ର କେତେଦୂର ସତ୍ୟତା ରହିଛି ଏହାର ତଦନ୍ତ ବନବିଭାଗ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି ।

# ଜଗିବାକୁ କେହି ନାହିଁ : ଜୀବନ ନେଉଛନ୍ତି ବନ୍ୟଜନ୍ତୁ

## ଉପାନ୍ତରେ ହାତୀ, ଉପକୂଳରେ କୁମ୍ଭୀର, ୧୨ ଦିନରେ ଗଲାଣି ୧୧ରୁ ଅଧିକ ଜୀବନ

ଭୁବନେଶ୍ୱର , ୦୩/୦୭ (ନି.ପ୍ର): ଦୁଇ ସପ୍ତାହ ହେଲା ଜଙ୍ଗଲରେ ଫୁଟ୍-ପାଟ୍ରୋଲିଂ ହେଉନି । ବନ କର୍ମଚାରୀମାନେ ବନ୍ୟଜନ୍ତୁଙ୍କୁ ଅନୁସରଣ କରୁନାହାନ୍ତି । ହାତୀ, ବାଘ, କଲରାପତରିଆ, ଭାଲୁ କେଉଁଆଡ଼େ ଯାଉଛନ୍ତି ଜଗିବାକୁ କେହି ନାହିଁ । ବନ୍ୟଜନ୍ତୁଙ୍କ ପରିଚାଳନା ପାଇଁ ଥିବା ଆପ ରିପୋର୍ଟିଂ ବନ୍ଦ ହୋଇଯାଇଥିବାରୁ ଲୋକଙ୍କ ପାଇଁ ଏବେ ବିପଦ ମାଡ଼ି ଆସିଛି । କେନ୍ଦୁଝରଠାରୁ ନୂଆପଡ଼ା ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ବଢ଼ିଛି । ରାତି ଅଧରେ ହାତୀ କାହା ଘର ଭାଙ୍ଗୁଛନ୍ତି ତ ଆଉ କାହା ଜମିରେ ପଶି ପନିପରିବା ନଷ୍ଟ କରୁଛନ୍ତି । ଉପାନ୍ତରେ ହାତୀଙ୍କ ଆକ୍ରମଣରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି । ରାଜଧାନୀ ଉପକଣ୍ଠରେ ୭ ଦିନ ହେଲା ହାତୀ ଉତ୍ପାତ କରୁଥିଲେ ମଧ ଘଉଡ଼ାଇବାକୁ କେହି ଆସୁ ନ ଥିବାରୁ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ଗତ ୧୨ ଦିନ ମଧରେ ହାତୀ ଆକ୍ରମଣରେ ୮ରୁ ଅଧିକ ଜୀବନ ଗଲାଣି ଏବଂ ଅନେକ ଆହତ ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ଚମ୍ପୁଆ, ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ, ସୁନ୍ଦରଗଡ଼ ଜିଲ୍ଲା ବଣାଇ, ଦେବଗଡ଼ ଜିଲ୍ଲାର ବାରକୋଟ, ମୟୂରଭଞ୍ଜ ଜିଲ୍ଲାର କେମୁଣ୍ଡିଆ ଅଞ୍ଚଳରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଛି । ଉପାନ୍ତ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ହେତୁ କିଛି ବ୍ୟକ୍ତି ଏବେ ମଧ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

କେବଳ ହାତୀ ନୁହନ୍ତି, ଦୁଇ ସପ୍ତାହ ମଧରେ ରାଜ୍ୟର କେତେକ ସ୍ଥାନରେ ଭାଲୁ ଜଙ୍ଗଲରୁ ବାହାରି ଜନବସତି ମୁହାଁ ହୋଇଛନ୍ତି । ଭାଲୁ ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଛନ୍ତି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋଡ଼ାଲ ପଞ୍ଚାୟତ ଅନ୍ତର୍ଗତ ଖଲନା ଗ୍ରାମରେ ଭାଲୁ ବୁଲୁଥିବାର ଦୃଶ୍ୟ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି କରିଛି । ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଯଦି ଜୁନ୍ ମାସ କଥା ଦେଖିବା ତେବେ ଭାଲୁ ଆକ୍ରମଣରେ ୫ଜଣ ଆହତ ହୋଇଛନ୍ତି ଏବଂ ଗାଡ଼ି ଧକ୍କାରେ ଗୋଟିଏ ଭାଲୁର ଜୀବନ ଯାଇଛି । ସେପଟେ କେନ୍ଦ୍ରାପଡ଼ା ଜିଲ୍ଲାରେ କୁମ୍ଭୀର ଆତଙ୍କ ଜାରି ରହିଛି । ଗତ ୧୮ ଦିନ ମଧରେ କୁମ୍ଭୀର ଆକ୍ରମଣରେ ଜିଲ୍ଲାର ୩ ଜଣଙ୍କ ଜୀବନ ଗଲାଣି । କିଛିଦିନ ତଳେ ବ୍ରାହ୍ମଣୀ ନଦୀରେ ଶୌଚ ହେଉଥିବା ବେଳେ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଥିଲା । କୁମ୍ଭୀର ଟାଣି ନେବାର ୬ ଘଣ୍ଟା ପରେ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ନଦୀରେ କୁମ୍ଭୀର ଚଳପ୍ରଚଳ କରୁଥିବା ନେଇ ବନ ବିଭାଗ ପକ୍ଷରୁ କୌଣସି ସତର୍କ କରାଯାଇ ନ ଥିଲା କି ସଚେତନ କରାଯାଇ ନାହିଁ । ଫଳରେ ଲୋକଙ୍କ ଜୀବନ ପ୍ରତି ଏବେ ବିପଦ ମାଡ଼ି ଆସିଛି ।



ସେପଟେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଦୁଇ ଜଣ ବନ କର୍ମଚାରୀଙ୍କୁ ହତ୍ୟା ଘଟଣା ପରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଭୟାରଣ୍ୟରେ ଗୁଇନ୍ଦା ନେଟ୍‌ୱର୍କକୁ ସୁଦୃଢ଼ କରିବା, ପାଟ୍ରୋଲିଂ, କମ୍ବିଂ ଅପରେସନ ବୃଦ୍ଧି କରାଯିବାର ଆବଶ୍ୟକ ଥିବାନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ତିନି ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଥିଲେ । ବଢୁଥିବା ଶିକାରୀଙ୍କ ପତିଆରା ରୋକିବା ଦିଗରେ ପଦକ୍ଷେପ ନେବାକୁ ବି ଅନୁରୋଧ କରିଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣ ଓ ବନ କର୍ମଚାରୀଙ୍କ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ କେଉଁଠି ନା କେଉଁଠି ବନ୍ୟପ୍ରାଣୀ ଓ ବନ କର୍ମଚାରୀଙ୍କ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଗତ କିଛି ବର୍ଷ ହେଲା ରାଜ୍ୟର ଅନ୍ୟାନ୍ୟ ଜଙ୍ଗଲରେ ବି ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଆଠଗଡ଼ରେ ହାତୀ ମଡ଼କଠାରୁ ଆରମ୍ଭ କରି ବଜ୍ରକାପ୍ତା ଚୋରାଚାଲାଣ ପର୍ଯ୍ୟନ୍ତ ସବୁଠି ବନ ବିଭାଗ ଫେଲ୍ ମାରିଛି । ଯେଉଁ ବନଖଣ୍ଡରେ ବନ୍ୟଜନ୍ତୁଙ୍କ ଜୀବନ ଯାଇଛି ସେଠାରେ ବନ ବିଭାଗର କୌଣସି ଜଣେ ବି ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ବରଂ ତଳିଆ କର୍ମଚାରୀଙ୍କ ମୁଣ୍ଡରେ ଖଣ୍ଡା ବୁଲାଇ ବିଭାଗୀୟ ଅଧିକାରୀମାନେ ଚୁପ୍ ବସିଯାଉଛନ୍ତି । ଶିମିଳିପାଳରେ ଦୁଇ ଜଣ ବନ କର୍ମଚାରୀଙ୍କ ଜୀବନ ଯାଇଥିଲେ ମଧ ପିସିସିଏଫ୍ (ବନ୍ୟପ୍ରାଣୀ) ଘଟଣାକୁ ସେତେଟା ଗୁରୁତ୍ୱର ସହ ନେଲେ ନାହିଁ । ତଦନ୍ତ ପାଇଁ ରାଜ୍ୟ ସରକାର ମଧ କୌଣସି ଟିମ୍ ଗଠନ କରି ନ ଥିଲେ । ବରଂ କେନ୍ଦ୍ରୀୟ ଟିମ୍ ଶିମିଳିପାଳ ଆସିବା ପରେ ପିସିସିଏଫ୍(ବନ୍ୟପ୍ରାଣୀ) ସେମାନଙ୍କ ସହ ଘଟଣାସ୍ଥଳକୁ ଯାଇ ନିଜ ମୁଣ୍ଡରୁ ଦୋଷ ଝାଡ଼ିଦେଇଥିଲେ । ଗୋଟିଏ ପଟେ ବନ କର୍ମଚାରୀଙ୍କ ଆନ୍ଦୋଳନ ଆଉ ଅନ୍ୟପଟେ ଜଙ୍ଗଲୀଜନ୍ତୁ ଜନବସତି ମୁହାଁ ହେଉଥିବାରୁ ଲୋକଙ୍କୁ କିଏ ସୁରକ୍ଷା ଦେବ ତାହାକୁ ନେଇ ପ୍ରଶ୍ନ ଉଠିଛି ।

# ପରିବା ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ ଓ ରାସ୍ତା ରୋକୋ

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ପନିପରିବା ଦରରେ ନିଆଁ ଲାଗିଛି । ଟମାଟୋ କିଲୋ ୧୨୦, ବିନ୍ସ ୨୦୦ ପାର, ଅଦା ୩୦୦ ଉପରେ । ପୋଟଳ, କଲରା, ବାଇଗଣ କୌଣସି ପରିବାରେ ହାତ ମାରି ହେଉନି । ୫୦୦ ଟଙ୍କାରେ ବି ବ୍ୟାଗ ପୂରୁନି । ଡାଲି କିଲୋ ବି ୧୬୦ । ଖାଉଟି ହନ୍ତସନ୍ତ । ସରକାର ନିଦାବିଷ୍ଟ ସାଜିଛନ୍ତି । ଏହି ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଆଜି ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ବିକ୍ଷୋଭ ଏବଂ ରାସ୍ତାରୋକୋ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଉଭୟ ସଙ୍ଗଠନର ଶତାଧିକ କର୍ମୀ ବ୍ୟାନର ଓ ପ୍ଲାକାର୍ଡମାନ ହାତରେ ଧରି ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ବିକ୍ଷୋଭକାରୀମାନଙ୍କୁ ସିପିଆଇର ଜୋନ ସମ୍ପାଦକ ତଥା ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ କହିଲେ-୨୦୦୦ ମସିହାରେ ବିଜୁ ଜନତା ଦଳ ତା'ର ନିର୍ବାଚନ ଇସ୍ତାହାରରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା କଥା କହିଥିଲା ୨୩ ବର୍ଷ ଭିତରେ ତାହା ହୋଇଥିଲେ ଅମଳ ସମୟରେ ଚାଷୀ ଟମାଟୋ ବିକି ନ ପାରି ରାସ୍ତାରେ ଫିଙ୍ଗନ୍ତା ନାହିଁ । କୋବି କିଆରିରେ ଟ୍ରାକ୍ଟର ମଡ଼ାନ୍ତା ନାହିଁ କି ଆଜି ପରିବା ଦରରେ ନିଆଁ ଲାଗି ନ ଥାନ୍ତା ।

# ଓଡ଼ିଶା ପୁଲିସରେ ନାହାନ୍ତି ଆବଶ୍ୟକ ସନ୍ଧାନୀ କୁକୁର

କଟକ, ୦୩/୦୭ (ନି.ପ୍ର): ଓଡ଼ିଶା ପୁଲିସରେ ସନ୍ଧାନୀ କୁକୁର ଅଭାବ ଦେଖାଦେଇଛି । ରାଜ୍ୟର ୩୦ ଜିଲ୍ଲାରେ ୩୦ଟି ସନ୍ଧାନୀ କୁକୁର ନଥିବାରୁ ଅପରାଧ ଓ ଅପରାଧୀ ଚିହ୍ନଟରେ ବିଳମ୍ବ ହେଉଛି । ଘଟଣାସ୍ଥଳରେ କ୍ରାଇମ୍ ରିକ୍ରିଏସନ୍ ହେଉ ବା ଗତିବିଧି ଚିହ୍ନଟ; ସବୁ କିଛିରେ ଏବେ ବିଳମ୍ବ ଘଟୁଛି । ଅପରାଧ ଘଟିଲେ କଟକ-ଭୁବନେଶ୍ୱରରୁ କୁକୁର ମଗାଯାଉଛି । ପର୍ବପର୍ବାଣୀ, ଉତ୍ସବରେ ମଧ ଆବଶ୍ୟକ ସନ୍ଧାନୀ କୁକୁର ନିୟୋଜିତ କରାଯାଇ ପାରୁ ନାହିଁ । ଆବଶ୍ୟକସଂଖ୍ୟକ ପ୍ରଶିକ୍ଷିତ କୁକୁର (ସନ୍ଧାନୀ) ନ ଥିବାରୁ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚିବାରେ ବିଳମ୍ବ ହେଉଛି । କ୍ରାଇମବ୍ରାଞ୍ଚ ସଫଳତା ରାସ୍ତାରେ ପ୍ରଶିକ୍ଷିତ ସନ୍ଧାନୀ କୁକୁର ଅଭାବ ଏବେ କଣ୍ଟା ସାଜିଛି । ସଦ୍ୟ ତଥ୍ୟ ମୁତାବକ, ଏବେ ସମୁଦାୟ ୩୦ଟି ଜିଲ୍ଲା ମଧରୁ ୧୯ ଜିଲ୍ଲାରେ ମୋଟ ୨୫ଟି ସନ୍ଧାନୀ କୁକର ଥିବା ବେଳେ ୧୧ ଜିଲ୍ଲାରେ ସନ୍ଧାନୀ କୁକୁର ନ ଥିବା ଜଣାପଡିଛି । ବିନା କୁକୁରରେ ଏହି ଜିଲ୍ଲାମାନଙ୍କରେ କାମ ଚାଲୁଛି । ଅବଶ୍ୟ ଏହି ପରିପ୍ରେକ୍ଷୀରେ ଓଡ଼ିଶା ପୁଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଗତବର୍ଷ ନୂଆକରି ୨୩ଟି ବେଲିଜିଆନ୍ ମିଲେନ୍ସ୍ ପ୍ରଜାତିର ୨୩ଟି କୁକୁର କେ-୯ ସ୍କ୍ୱାଡ୍‌ରେ ସାମିଲ କରିଛି । ସ୍ୱତନ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଓ ଇଣ୍ଡୋ ତିବତିଆନ୍ ବର୍ଡର ପୁଲିସ୍‌ରୁ ଏହି ବ୍ରିଡ୍‌ର କୁକୁର କିଣାଯାଇ ଏବେ ପ୍ରଶିକ୍ଷଣ ଦିଆଯାଉଛି । ଏହି ପ୍ରଜାତିର କୁକୁର ଏବେ ଓଡ଼ିଶା ପୁଲିସ ପାଇଁ ବେଶ୍ ସହାୟକ ହୋଇପାରିଛି । ରାଜ୍ୟରେ ୨୩ଟି ବେଲିଜିଆନ୍ ପ୍ରଜାତିର କୁକୁରଙ୍କୁ ମିଶାଇ ଏବେ ୧୨ଟି ଜର୍ମାନ୍ ସେଫର୍ଡ, ୯ଟି ଲାବ୍ରାଡୋର, ୧ଟି ଡୋବରମ୍ୟାନ୍ ସନ୍ଧାନୀ କୁକୁର ରହିଛି । ତେବେ ଓଡ଼ିଶା ପୁଲିସରେ ଅତିକମ୍‌ରେ ୨୦୦ ସନ୍ଧାନୀ କୁକୁର ଆବଶ୍ୟକ ଥିବା ଜଣେ ଅଧିକାରୀ କହିଛନ୍ତି । ଏବେ ଭଲ ପ୍ରଜାତିର କୁକୁରଙ୍କୁ ସାମିଲ କରାଯାଇଛି । ତେବେ ଏହି ସଂଖ୍ୟା ବଢ଼ିଲେ ଭଲ । ପ୍ରତି ଜିଲ୍ଲାରେ ଅପରାଧୀ ଚିହ୍ନଟ ପାଇଁ ଅତିକମ୍‌ରେ ୨ଟି ଲେଖାଏ ସନ୍ଧାନୀ କୁକୁର ଆବଶ୍ୟକ ଥିବା ବେଳେ ରାଜ୍ୟର ୧୧ଟି ଜିଲ୍ଲାରେ ଆଦୌ କୁକୁର ନଥିବାରୁ ଏବେ ସମସ୍ୟା ଉପୁଜିଛି । ମାଓ ପ୍ରବଣ ଅଞ୍ଚଳ ହେଉ ବା ଅନ୍ୟ ସନ୍ଦିଗ୍ଧ ସ୍ଥାନରେ ବିସ୍ଫୋରକ ସାମଗ୍ରୀ ସନ୍ଧାନ କରିବା ଓ ଅପରାଧୀଙ୍କ ଗତିବିଧି ଜାଣିବା ପାଇଁ ପୁଲିସବାହିନୀ ପାଇଁ ଯଥେଷ୍ଟସଂଖ୍ୟକ ସନ୍ଧାନୀ କୁକୁରର ଆବଶ୍ୟକତା ରହିଛି । ରାଜ୍ୟର ନବରଙ୍ଗପୁର, ନୟାଗଡ଼, ସୋନପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ ସମେତ କେତେକପ୍ରମୁଖ ଜିଲ୍ଲାରେ ସନ୍ଧାନୀ କୁକୁର ନଥିବା ଜଣାପଡ଼ିଛି ।



# କାଲିମେଳା ପୋଲିସ ପକ୍ଷରୁ ଏମଭି ୭୦ ଗ୍ରାମଠାରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୦୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ ପକ୍ଷରୁ ଏମଭି ୭୦ ଗ୍ରାମ ଠାରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏକଦା ଘନ ଘନ ଚଢାଉ ସହ ମାଓବାଦୀଙ୍କ କ୍ରୁରତା ଜନଜୀବନକୁ ପ୍ରଭାବିତ କରୁଥିଲା । ନିଜସ୍ୱ ମତ ଜାହିର କରିବା ପୂର୍ବରୁ ଜୀବନ ପ୍ରତି ଥିବା ବିପଦ ଯୋଗୁଁ ନିଜର ପ୍ରତିବାଦକୁ ଛାତି ତଳେ ଚାପି ହୋଇ ରଖିବାକୁ ପଡୁଥିଲା । ତେବେ ସମୟ ବଦଳିବା ସହ କାଲିମେଳା ବ୍ଲକ ବଡିଗେଟା ପଂଚାୟତ ମାଓବାଦୀ ମୁକ୍ତ ହେବା ସହ ସାଧାରଣ ଜୀବନ ଯାପନ କରୁଛନ୍ତି । ଏହି ଅବସରରେ ସ୍ଥାନୀୟ ଅଂଚଳରେ ମଦ ବିକ୍ରି ରୋକିବା, ପାରିବାରିକ ଆପୋଷ ଆଲୋଚନା, ଗଞ୍ଜେଇ କାରବାର ରୋକିବା, ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ, ସଡକ ସୁରକ୍ଷା, କଙ୍ଗାରୁ କୋର୍ଟ, ଯାଦୁ ଶିକାର, ଡ୍ରଗ୍ସ, ସାଇବର ଠକେଇ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲାକନଗିରି ଜିଲ୍ଲା ଅତିରିକ୍ତ ଏସପି ରାହୁଲ ଗୋଏଲ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କାଲିମେଳା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ, ଏସଆଇ ମନୋହର ସାହୁ, ଏସଆଇ ନରେନ୍ଦ୍ର ପ୍ରସାଦ ଭତ୍ରା, ଏସ ଆଇ ଭାଗୀରଥୀ ଜେନା, ଏଏସ୍‌ଆଇ ହରି ଖରା, ବିଶି ମାଝୀ, ଜିଲ୍ଲା ପରିଷଦ ଉପସଭାପତି ପତିତପାବନ ବୈଦ୍ୟ, ବଡିଗେଟା ସରପଂଚ ଲିଲି ସୋଡ଼ୀ, କାଲିମେଳା ସରପଂଚ ପୃଥ୍ୱୀରାଜ ମାଝୀ, କାଲିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି ଓ ଦଣ୍ଡକାରଣ୍ୟ ପର୍ବତମାଳା ସଂଗଠନର ରାଜ୍ୟ ମୁଖ୍ୟ ଲଳିତ ନାରାୟଣ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି କାର୍ଯ୍ୟକ୍ରମ କାଲିମେଳା ଅଞ୍ଚଳରେ ପୂର୍ବରୁ ଅନେକ ଥର ଅନୁଷ୍ଠିତ ହୋଇଯାଇଛି । ଏଭଳି କାର୍ଯ୍ୟକ୍ରମ ଯୋଗୁଁ ପୋଲିସ ଓ ସାଧାରଣ ଲୋକଙ୍କ ମଧରେ ଉତମ ସମ୍ପର୍କ ପ୍ରତିଷ୍ଠା ହୋଇପାରିବ ବୋଲି କୁହାଯାଇଛି । ଏହି ଅବସରରେ ସ୍ଥାନୀୟ ଅଂଚଳରେ ମାଓବାଦୀଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋଲି ଅଂଚଳବାସୀ ଦୃଢତାର ସହ କହିଥିଲେ ।

# ପିପି ଏକାଡେମିରୁ ଲକ୍ଷ୍ମୀନଗର ରାସ୍ତା ଭିତ୍ତି ପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗିର, ୦୩/୦୭ (ନି.ପ୍ର):ସ୍ଥାନୀୟ ପିପି ଏକାଡେମୀ ଛକ ଠାରୁ ମହାଲକ୍ଷ୍ମୀ ନଗର ପର୍ଯ୍ୟନ୍ତ ରାସ୍ତାର ଭିତି ପ୍ରସ୍ତର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ କର କମଳରେ ଅନୁଷ୍ଠିତ ହୋଇଯାଇଛି । ପାଖାପାଖି ୫୦୦ ମିଟର ଏହି ରାସ୍ତା ନିର୍ମାଣ ପାଇଁ ପଡା ଲୋକେ ବହୁ ଦିନରୁ ଦାବୀ କରି ଆସୁଥିଲେ । ତେ୍ ଲୋକଙ୍କ ଆବଶ୍ୟକତାକୁ ଆଖି ଅଗରେ ରଖି ଏହି ରାସ୍ତା ଟି କୁ ପୁର୍ତ ବିବାଗକୁ ଯେପରି ହସ୍ତାନ୍ତରିତ ହୋଇ ପାରିବ ସେ ଉପରେ ବିଧାୟକ ଶ୍ରୀମିଶ୍ର ପଦକ୍ଷେପ ଗ୍ରହଣ କରିଥିଲେ । ୧ କୋଟି ଚାରି ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ସହିତ ଡ୍ରେନ ମଧ ନିର୍ମାଣ ହେବ । ରାସ୍ତାର ଗୁଣ ବତା ସହ ଡ୍ରେନର ପାଣୀ ଯେପରି ଉପର ମୁଣ୍ଡରୁ ତଳ ପର୍ଯ୍ୟନ୍ତ ଠିକ ହିସାବରେ ଯାଇ ପାରିବ ସେ ଉପରେ ନିମାର୍ଣ କାରୀ ସଂସ୍ଥା ଠିକ ହିସାବରେ ଯାଇ ପାରିବ ସେ ଉପରେ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ନିର୍ମାଣରେ ଗୁଣ ବତା ସହ କାମ ଯେପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟେରେ ସଂପୂର୍ଣ୍ଣ ହେବ ସେଦିଗରେ ବୋଭାଗୀୟ ଯନ୍ତ୍ରୀ, ନିର୍ମାଣକାରୀ ସଂସ୍ଥା ଓ ସ୍ଥାନୀୟ ବାସିନ୍ଦା ସମନ୍ୱୟ ରକ୍ଷା କରିବେ ବୋଲି ବିଧାୟକ ଶ୍ରୀ ମିଶ୍ର ଗଣମାଧ୍ୟମରେ ପ୍ରତିକ୍ରୀୟା ଦେଇଛନ୍ତି । ଏହ ସହ ଆଗାମୀ ଦିନରେ ସହର ମଧରେ ବାକି ରହି ଯାଇଥିବା କିଛି ରାସ୍ତା ପୁର୍ତ ବିଭାଗକୁ ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ମିଶ୍ର କହିଥିଲେ ।

# ବିଦାୟକାଳୀନ ସଭାରେ ମଣୀନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା




ରେମୁଣା , ୦୩/୦୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ତଥା ପୂର୍ବତନ ବିଭାଗ-ମୁଖ୍ୟ ଡକ୍ଟର ମଣୀନ୍ଦ୍ର କୁମାର ମେହେରଙ୍କୁ ଷାଠିଏ ବର୍ଷ ପୂର୍ତ୍ତି ଉପଲକ୍ଷେ ଅବସରକାଳୀନ ବିଦାୟ ସଭାରେ ଭାଷା ସାହିତ୍ୟ ବିଭାଗ ତଥା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଦୁଇଟି ସଭାରେ ବିପୁଳ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭାଗ ତରଫରୁ ବିଭାଗୀୟ ମୁଖ୍ୟ ଡକ୍ଟର ଦେବାଶିଷ ପାତ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦାନ କରି ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ବ୍ୟକ୍ତିତ୍ୱ ଓ ବିଭାଗ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏ ଅବସରରେ ପ୍ରଫେସର ମେହେରଙ୍କ ଲିଖିତ ପୁସ୍ତକ ଗଦ୍ୟଶିଳ୍ପୀ ଗୋପବନ୍ଧୁ ଓ ଲୋକପୂଜ୍ୟ କବି ଗଙ୍ଗାଧର, ପ୍ରଫେସର ମେହେରଙ୍କ ଦ୍ୱାରା ରଚିତ ଗଳ୍ପର ଏକ ଇଂରାଜୀ ସଂକଳନ ସିଲେକଟେଡ୍ ଷ୍ଟୋରୀ ଅଫ ମଣୀନ୍ଦ୍ର କୁମାର ମେହେର ଓ ପ୍ରଫେସର ମେହେରଙ୍କୁ ତାଙ୍କ ଶିକ୍ଷକ ଜୀବନରେ ଛାତ୍ରଛାତ୍ରୀମାନଙ୍କଠାରୁ ଆସିଥିବା ଶତାଧିକ ଆବେଗପୂର୍ଣ୍ଣ ଚିଠିର ସଂକଳନ ପତ୍ର-ପ୍ରତ୍ୟୟକୁ କୁଳପତି ମହୋଦୟ ଉନ୍ମୋଚନ କରିଥିଲେ । ଛାତ୍ରଛାତ୍ରୀ, ବିଭାଗୀୟ ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ ଓ ସଂସ୍କୃତ ବିଷୟର ଆସୋସିଏଟ ଓ ଆସିଷ୍ଟାଣ୍ଟ ପ୍ରଫେସରବୃନ୍ଦ ପ୍ରଫେସର ମେହେରଙ୍କ ସଂସ୍ପର୍ଶରେ ଆସିଥିବା ଅନୁଭୂତି ବର୍ଣ୍ଣନା କରି ସମଗ୍ର ଓଡିଶା ମାଟିର ସେ ଜଣେ ଶ୍ରେଷ୍ଠ କୃତୀସନ୍ତାନ ବୋଲି ଅଭିହିତ କରି ତାଙ୍କ ଉଦାରତା, ଛାତ୍ରବତ୍ସଳତା, ଶାଳୀନତାପୂର୍ଣ୍ଣ ସାଧନକ୍ଷମୟ ଜୀବନର ବିଶେଷତ୍ୱ ଉପସ୍ଥାପନା କରିଥିଲେ । ସେହିପରି ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସ୍ନାତକୋତ୍ତର ପରିଷଦର କନଫରେନ୍ସ ହଲ ଠାରେ ଧନ୍ୟବାଦ ସଭାର ଅଭିନ୍ନ ଆୟୋଜନ ହୋଇଥିଲା । ଏଥିରେ ମଧ କୁଳପତି ମହୋଦୟ, ସ୍ନାତକୋତ୍ତର ପରିଷଦର ଚେୟାରମେନ, କୁଳସଚିବ, ବିତ୍ତନିୟନ୍ତ୍ରକ ପ୍ରମୁଖ ସମସ୍ତେ ଉପସ୍ଥିତ ରହିଥିଲେ କ୍ଷ ଶିକ୍ଷକସଂଘ ତରଫରୁ ସିନିଅର ପ୍ରଫେସର ମଣ୍ଡଳୀ ପ୍ରଫେସର ମେହେରଙ୍କ ସାହିତ୍ୟ ସାଧନା, ଶିକ୍ଷାଦାନ, ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ ଓ ବିଶ୍ୱବିଦ୍ୟାଳୟ ସକାଶେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ଉଲ୍ଲେଖ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗ ତଥା ଶିକ୍ଷକ ସଂଘ ତରଫରୁ ତାଙ୍କୁ ମାନପତ୍ର ସହିତ ଉପଢୌକନ ଓ ବହୁବିଧ ଉପହାର ପ୍ରଦାନ କରାଯାଇଥିଲା । ବିଦାୟ ସଭା ଉପଲକ୍ଷେ ପରିବେଷିତ ବିଷାଦଭରା ସଂଗୀତ ବାତାବରଣକୁ ଭାବମୟ କରିଦେଇଥିଲା । ପ୍ରଫେସର ମେହେର ଏହି ଭାବାବେଗପୂର୍ଣ୍ଣ ଅଭିନନ୍ଦନ ସକାଶେ କୁଳପତିଙ୍କ ଠାରୁ ଆରମ୍ଭ କରି ସମସ୍ତ ସହକର୍ମୀ ଓ ଛାତ୍ରଛାତ୍ରୀଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରିଥିଲେ । ବ୍ୟାସବିହାର ତଥା ସାହିତ୍ୟତୀର୍ଥ ବାଲେଶ୍ୱରର ମହିମା ଉଲ୍ଲେଖ କରିବା ସହିତ ସେ କହିଥିଲେ ଯେ, କବିତୀର୍ଥ ବରପାଲିରେ ସେ ଥରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଭାବରେ ଜନ୍ମ ନେଇଥିଲେ ଆଉ କର୍ମମୟ ଜୀବନର ଅନ୍ତିମ ପର୍ଯ୍ୟାୟରେ ବାଲେଶ୍ୱର ମାଟିରେ ଆଉଥରେ ବ୍ୟାସକବି ଫକୀର ମୋହନଙ୍କ ପ୍ରପୌତ୍ର ଭାବରେ ପୁନର୍ଜନ୍ମ ନେବାର ସୌଭାଗ୍ୟ ଲାଭକଲେ । ତାଙ୍କର ମର୍ମସ୍ପର୍ଶୀ ବକ୍ତୃତା ଉଭୟ ସଭାର ପରିବେଶରେ ସୃଷ୍ଟି କରିଥିଲା ନୂତନ ଭାବ-କମ୍ପନ । ବିଶ୍ୱବିଦ୍ୟାଳୟ ସହିତ ସେ ଆଜୀବନ ଜଡିତ ହୋଇ ରହିଥିବେ ବୋଲି ପ୍ରକାଶ କରିଥିଲେ । ବିଭାଗୀୟ ସଭାରେ ଡକ୍ଟର ଜୟନ୍ତ କୁମାର ଦାସ ଓ ଶିକ୍ଷକ ସଂଘର ସଭାରେ ଡକ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ମିଳିତ ଆୟୋଜନରେ ଅନୁଷ୍ଠିତ ସଭାରେ ସହାୟକ କୁଳସଚିବ ପ୍ରତାପ ଚନ୍ଦ୍ର ସେଠଙ୍କୁ ମଧ ଏହି ଅବସରକାଳୀନ ଶ୍ରଦ୍ଧାପୂତ ସମ୍ମାନ ପ୍ରଦାନ କରାଯାଇଥିଲା ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୦୩/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୨୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରେ ୨୧ ଗୋଟି ବ୍ୟକ୍ତିଗତ ଓ ୦୨ ଗୋଟି ସାମୁହିକ ଦରଖାସ୍ତ ରହିଛି କ୍ଷ ଶିବିରରେ ୬ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇ,ଅନ୍ୟାନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏବିଡିଓ ସୋନପୁର-ଶ୍ରୀ ଶଶିଭୂଷଣ ପ୍ରଧାନ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ ଦୈତ୍ୟନାରାୟଣ ପାଢ଼ୀ , ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲ ।

# ପ୍ରକାଶ ପାଇଲା ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ

## ସମାଜ ବିଜ୍ଞାନରେ ରାଇରଙ୍ଗପୁରର ଅନ୍ୱେଷା ପଟ୍ଟନାୟକ ଟପ୍ପର



ରାଇରଙ୍ଗପୁର, ୦୩/୦୭ (ନି.ପ୍ର):ଶୁକ୍ରବାର ସନ୍ଧ୍ୟାରେ ରମାଦେବୀ ବିଶ୍ୱବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ଓ ବିଏଡ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଇ ପରୀକ୍ଷାରେ ମୟୂରଭଂଜ ଜିଲା ରାଇରଙ୍ଗପୁରର ମେଧାବୀ ଛାତ୍ରୀ ଅନ୍ୱେଷା ପଟ୍ଟନାୟକ ସମାଜ ବିଜ୍ଞାନ (ସୋସିଓଲଜି) ବିଭାଗରେ ଟପ୍ପର ହୋଇଛନ୍ତି । ସେ ୬ଟି ସେମିଷ୍ଟାରକୁ ମିଶାଇ ସିଜିପିଏରେ ମୋଟ ୯.୧୮ପ୍ରତିଶତ ଓ ମୋଟ ୨୨୦୯ ନମ୍ବର ରଖି ଏହି କୃତୀତ୍ୱ ହାସଲ କରିଛନ୍ତି । ସେ କେରଳା ପବ୍ଲିକ ସ୍କୁଲ,ରାଇରଙ୍ଗପୁରରେ ଆଇସିଏସଇ ପରୀକ୍ଷାରେ,ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱରରେ ଦ୍ୱାଦଶ ପରୀକ୍ଷାରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କର ଏହି ଉଲ୍ଲେଖନୀୟ କୃତୀତ୍ୱ ପାଇଁ ତାଙ୍କ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ,ଅଧ୍ୟାପିକା,ସମାଜବିଜ୍ଞାନ ବିଭାଗୀୟ ମୁଖ୍ୟ, ପିତାମାତା, ପରିବାରବର୍ଗଙ୍କ ଆଶୀର୍ବାଦକୁ ଶ୍ରେୟ ଦେଇଛନ୍ତି । ମେଧାବୀ ଛାତ୍ରୀ ଅନ୍ୱେଷା ପଟ୍ଟନାୟକ, ରାଇରଙ୍ଗପୁରର ଦୈନିକ ସମାଜର ପ୍ରତିନିଧି ବରିଷ୍ଠ ସାମ୍ବାଦିକ ସୌରଭ ପଟ୍ଟନାୟକ ଓ ଲିପସା ପଟ୍ଟନାୟକଙ୍କ ଏକ ମାତ୍ର କନ୍ୟା ତଥା ମୟୂରଭ ମାଟିର ସୁନାମଧନ୍ୟ ଗୀତିକାର ସ୍ୱର୍ଗତ ଜିତେନ୍ଦ୍ର ପଟ୍ଟନାୟକ ଓ ଶିକ୍ଷାବିତ୍ ସବିତା ପଟ୍ଟନାୟକଙ୍କ ନାତୁଣୀ,ସମାଜସେବୀ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ଝିଆରୀ ଅଟନ୍ତି । ତାଙ୍କର ଏହି ଉଲ୍ଲେଖନୀୟ କୃତୀତ୍ୱରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଆଶୀବାଦର ସୁଅ ଛୁଟିଛି । ଆଗାମୀ ଦିନରେ ସେ ବାଙ୍ଗାଲୋର ସ୍ଥିତ ଖ୍ରାଇଷ୍ଟ ୟୁନିଭର୍ସିଟିରେ ସମାଜ ସେବା ଏବଂ ମାନବ ସମ୍ବଳ ବିକାଶ ବିଭାଗରେ ସ୍ନାତକୋତ୍ତର ବିଭାଗରେ ଅଧ୍ୟୟନ ଜାରି ରଖିବେ ବୋଲି କହିଛନ୍ତି ।

# ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ




ବାଲେଶ୍ୱର, ୦୩/୦୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରସାଲପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ପୂର୍ବାହ୍ନ ରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସଂପାଦକ ଶମ୍ଭୁନାଥ ଯାଦବ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଡା. ରମାକାନ୍ତ ପଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା 'ପ୍ରାପ୍ତି' ର ସଂପାଦୀକା ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦାନ କରି ମହର୍ଷି ବ୍ୟାସଦେବ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଭାରତୀୟ ସଂସ୍କୃତି ରେ ଗୁରୁ ପରମ୍ପରା ଓ ଗୁରୁ ପୂର୍ଣ୍ଣିମା ଉତ୍ସବ ର ଆଭିମୁଖ୍ୟ ସଂପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ, ରସାଲପୁର କ୍ଲଷ୍ଟର ସି.ଆର.ସି.ସି. ଗୋଲକ ନାୟକ ଓ ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିକର୍ତ୍ତନ ନାୟକ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରଦ୍ଧାଞ୍ଜଳି ଗୁରୁମା' ଅମୃତ ବଚନ ପାଠ କରିଥିଲା ବେଳେ ଜୟସ୍ମିତା ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିମା ଗୁରୁମା' ଙ୍କ ନେତୃତ୍ୱରେ ଶିଶୁ ଭାଇଭଉଣୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମିତା ଗୁରୁମା', ଦେବସ୍ମିତା ଗୁରୁମା', ରୂପରେଖା ଗୁରୁମା' ଓ ଦିଲ୍ଲୀପ୍ ଗୁରୁଜୀ ପୂଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଭାଇଭଉଣୀ ମାନେ ଗୁରୁଜୀ-ଗୁରୁମା' ଙ୍କୁ ପୂଜନ କରିବା ସହିତ ବକ୍ତୃତା ପ୍ରଦାନ କରିଥିଲେ। ପୂଜନ ଶେଷରେ ସାମୁହିକ ପ୍ରସାଦ ସେବନ ହୋଇଥିଲା।

# ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବୈଠକ ଓ ଗୌର ସାଧନ ମିଶ୍ରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବାଲେଶ୍ୱର, ୦୩/୦୭ (ନି.ପ୍ର): ଆଜି ଶ୍ରୀ ହରିହର କ୍ଷେତ୍ର ସଂଲଗ୍ନ ଶ୍ରୀ ନିତାଇ ଗୌର ମନ୍ଦିର ଓ ଶ୍ରୀଶ୍ରୀ ବିଶେଶ୍ୱର ଶିବ ମନ୍ଦିର ନିକଟସ୍ଥ ଗୌରାଶ୍ରୟ ଭବନରେ ବଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ସଭାପତି ଓ ନିକଟରେ ଦୀର୍ଘ ସରକାରୀ ସେବା ପରେ ଦକ୍ଷିଣପୂର୍ବ ରେଳପଥର ବାଲେଶ୍ୱର ଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାର୍ମସିଷ୍ଟ ପଦରୁ ଅବସର ନେଇଥିବା ପଣ୍ଡିତ ଗୌର ସାଧନ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଆୟୋଜିତ ସ୍ମରଣୀୟ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜିଲ୍ଲା ଓ ପୌରପାଳିକାର ବହୁ ବ୍ରାହ୍ମଣ ଓ ସୁନାମଧନ୍ୟ ପଣ୍ଡିତ ଯୋଗଦାନ କରି ପଣ୍ଡିତ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇବା ସଂଗେସଂଗେ ନିକଟରେ ବାହାନଗା ରେଳ ଦୁର୍ଘଟଣାରେ ଦୁର୍ଗତମାନଙ୍କୁ ନିଷ୍ଠାପର ସେବା ପ୍ରଦାନ କରି ଉଭୟ ଦକ୍ଷିଣ-ପୂର୍ବ ରେଳପଥ ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଠାରୁ ପ୍ରଶଂସାପତ୍ର ଲାଭ କରିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଡକ୍ଟର ଶ୍ରୀଶ ଦାଶ ଓ ଜିଲ୍ଲା ସମ୍ପାଦକ ପଣ୍ଡିତ ଗୌରଚନ୍ଦ୍ର ଦାଶ ଉପସ୍ଥିତି ରହି ଉଦ୍‌ବୋଧନ ଦେଇଥିଲେ ଓ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ବକ୍ତବ୍ୟ ପ୍ରଦାନ କରି ପୌରପାଳିକାର ସଂଗଠନକୁ ଦୃଢ଼ କରିଥିବାରୁ ସେମାନେ ପଣ୍ଡିତ ମିଶ୍ରଙ୍କୁ ଭୂଂଶସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଦାୟିତ୍ୱ ସୁଚାର ରୂପେ ତୁଲାଇଥିବା ଶ୍ରୀଯୁକ୍ତ ବୀରକିଶୋର ପାଣିଗ୍ରାହୀ ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ମୁଖ୍ୟ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିରେ ଆଜୀବନ ସଦସ୍ୟ ଗ୍ରହଣ କରିଥିବାରୁ ସମସ୍ତେ ଧନ୍ୟବାଦ ଅର୍ପଣ କଲେ । ରେଳୱେର ବରିଷ୍ଠ କର୍ମଚାରୀ ଶ୍ରୀ ରମାକାନ୍ତ ଦୀକ୍ଷିତ ଆଜୀବନ ସଦସ୍ୟ ଗ୍ରହଣ କରିଥିବାରୁ ତାଙ୍କୁ ମଧ ସମସ୍ତେ ଧନ୍ୟବାଦ ଅର୍ପଣ କଲେ । ଶେଷରେ ପୌରପାଳିକାର ସମ୍ପାଦକ ଶ୍ରୀଶାନ୍ତି ସ୍ୱରୂପ ମିଶ୍ର ସମସ୍ତଙ୍କୁ ଯୋଗଦାନ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଏନସିପିରୁ ବିଦା ହେଲେ....

ଏହି ୩ ନେତା ଓ ୨ ସାଂସଦ ରବିବାର ବିଦ୍ରୋହ ଘୋଷଣା କରିଥିବା ଅଜିତ ପାୱାରଙ୍କ ଶପଥ ପାଠ ଉତ୍ସବରେ ସାମିଲ ହୋଇଥିଲେ। ଏହା ଦଳ ବିରୋଧୀ କାମ ହୋଇଥିବାରୁ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାବାଦ ସୁପ୍ରିୟା ସୁଲେ ଚିଠି ମାଧ୍ୟମରେ ଶରଦ ପାୱାରଙ୍କୁ ବିଦ୍ରୋହ ଘୋଷଣା କରିଥିବା ୯ ବିଧାୟକ ଓ ୨ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କହିଛନ୍ତି। ବାଚସ୍ପିତ ଓ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଦଳ ବଦଳ ନିରୋଧୀ ଆଇନ ଅନୁସାରେ ସମସ୍ତଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଶରଦ ପାୱାର ଚିଠି ଲେଖିବେ।

## ୧୬ ଜିଲ୍ଲାରୁ ଚିହ୍ନଟ....

ଶୋଇବା ଅବସ୍ଥାରେ ନୁହେଁ, ଏଡିସ ମଶାମାନେ ସ୍ୱଚ୍ଛ ନିର୍ମଳ ପାଣିରେ ବଂଶ ବିସ୍ତାର କରନ୍ତି। ଆମକୁ ସେସବୁ ସଫା କରିବାକୁ ହେବ, ଯେଉଁଥିରେ ସେମାନେ ବଂଶ ବିସ୍ତାର କରନ୍ତି। କୁଲର, ଟିଣ, କୁଡୁଆ ଆଦି ଜିନିଷରେ ପାଣି ଜମିବାକୁ ଦେବା ନାହିଁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସ ହସ୍ପିଟାଲରେ ଡେଙ୍ଗୁର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

## ଜୁଲାଇ ୧୩ରେ....

ହେଲେ ସବୁ ଚେଷ୍ଟା ପରେ ବି ଶେଷ ମୁହୂର୍ତ୍ତରେ ଲ୍ୟାଣ୍ଡରର ସଫ୍ଟଲ୍ୟାଣ୍ଡିଂ ବା ସୁରକ୍ଷିତ ଅବତରଣ ସମ୍ଭବ ହୋଇପାରିନଥିଲା। କେବଳ ଅର୍ବିଟରକୁ ଚନ୍ଦ୍ର କକ୍ଷପଥରେ ଅବସ୍ଥାପିତ କରି ଆଂଶିକ ସଫଳତା ଦେଇଥିଲା ଚନ୍ଦ୍ରୟାନ-୨ । ଏବେ ଚନ୍ଦ୍ରୟାନ-୩ରେ ସେଇ ଅଧୁରା ସ୍ୱପ୍ନକୁ ସାକାର କରିବା ଅର୍ଥାତ୍ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ କରି ତା' ଭିତରୁ ରୋଭର ଗଡ଼ାଇବା ପାଇଁ ପୂର୍ଣ୍ଣ ଆଶାବାଦୀ ଅଛି ଇସ୍ରୋ। ଏଥିପାଇଁ ଲ୍ୟାଣ୍ଡରର ଗୋଡ଼ ଗୁଡ଼ିକ ଅଧିକ ମଜବୁତ କରାଯାଇଛି ଏବଂ ଉନ୍ନତ ସେନ୍ସର ଓ ଆଧୁନିକ ଯନ୍ତ୍ରାଂଶ ଲଗାଯାଇଛି। ଏହି ମିଶନ ପାଇଁ ଖର୍ଚ୍ଚ ହେବ ୬୧୫ କୋଟି ଟଙ୍କା। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁସାରେ, ଚନ୍ଦ୍ରୟାନ-୩ ଜୁଲାଇ ୧୩ ଅପରାହ୍ନ ୨ଟା ୩୦ରେ ଲଞ୍ଚ୍ ହୋଇପାରେ ଏବଂ ଅଗଷ୍ଟ ୨୩ରେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିପାରେ। ଚନ୍ଦ୍ରପୃଷ୍ଠରେ ଅବତରଣ ପରେ ଏହା ସେଠାକାର ସଂରଚନା, ମୃତ୍ତିକାର ଭୌତିକ ଗୁଣ, କଂପନ ଆଦି ସଂପର୍କରେ ମଧ ତଥ୍ୟ ସଂଗ୍ରହ କରିବ। ଚନ୍ଦ୍ରୟାନ-୨ର ଅର୍ବିଟର ମାଧ୍ୟମରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ଓ ରୋଭର୍ ସହିତ ସଂପର୍କରେ ରହିବ ଇସ୍ରୋ। ମିଶନର ଆୟୁଷ ରହିବ ୧୪ ଦିନ।

## ଲ୍ୟାଣ୍ଡ୍ ଫର.....

ଅଭିଯୋଗ ହୋଇଥିଲା ଯେ, ରେଲୱେରେ ଭିନ୍ନ ଭିନ୍ନ ଜୋନ୍‌ରେ ଗ୍ରୁପ ଡି ବିଭିନ୍ନ ପଦବୀରେ ଚାକିରି ଦେବା ବଦଳରେ ଆଶାୟୀଙ୍କ ପାଖରୁ ଜମି ନେଇଥିଲେ। ଲାଲୁ ଏହି ସବୁ ଜମିକୁ ପତ୍ନୀ ରାବଡ଼ୀ ଦେବୀ ଏବଂ ମୀସା ଭାରତୀଙ୍କ ନାଁରେ ନେଇଥିଲେ। ଏମିତିକି ଲାଲୁଙ୍କ ସମ୍ପର୍କୀୟ ଏବଂ ତାଙ୍କ ପରିବାର ଦ୍ୱାରା ନିୟନ୍ତ୍ରିତ ଏକ କମ୍ପାନୀ ନାଁରେ ମଧ ଜମି ନେଇଥିଲେ। ସିବିଆଇ ଏହି ମାମଲାରେ ଯାଞ୍ଚ ପରେ ଲାଲୁ ଯାଦବ ଏବଂ ତାଙ୍କ ଝିଅ ମୀସା ଭାରତୀଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ରେଲୱେରେ ଭର୍ତ୍ତି ଏବଂ ପାଇଁ କୌଣସି ବିଜ୍ଞାପନ କିମ୍ବା ସାର୍ବଜନିକ ନୋଟିସ୍ ଜାରି ହୋଇନଥିଲା। କିନ୍ତୁ ଏହା ପରେ ବି ପାଟଣାରେ ଅନେକ ଲୋକଙ୍କୁ ମୁମ୍ବାଇ, ଜବଲପୁର, କୋଲକାତା, ଜୟପୁର ଏବଂ ହାଜିପୁର ସ୍ଥିତ ଭିନ୍ନ ଭିନ୍ନ ଜୋନ୍‌ରେ ନିଯୁକ୍ତ କରାଯାଇଥିଲା। ସିବିଆଇ ଅନୁଯାୟୀ ଏହି ମାମଲାରେ ପାଟଣାରେ ୧,୦୫,୨୯୨ ଫୁଟ୍ ଜମି ଲାଲୁ ଯାଦବ ହାତେଇଥିଲେ।

## ମଣିପୁର ହିଂସା ରୋକିବା ....

ଉଲ୍ଲେଖନୀୟ ଗୋଟିଏ ଦିନ ପୂର୍ବେ କୁକି ସମୁଦାୟ ଜାତୀୟ ରାଜପଥ-୨ ଖୋଲି ଦେଇଛନ୍ତି। ଗତ ୨ ମାସ ହେବ ହିଂସା କାରଣରୁ ଏହି ହାଇୱେ ବନ୍ଦ ଥିଲା। ଫଳରେ ରାଜ୍ୟରେ ଜରୁରୀ ସାମଗ୍ରୀ ଯୋଗାଣ ଗୁରୁତର ଭବେ ବାଧାପ୍ରାପ୍ତ ହୋଇଥିଲା ।କୁକି ସମୁଦାୟର ଦୁଇ ଗୋଷ୍ଠୀ କହିଥିଲେ ଯେ, ଗୃହ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଉପରେ ଆମର ଭରସା ଅଛି। କିନ୍ତୁ କୁକି ସିଭିଲ ସୋସାଇଟି ସଂଗଠନ କମିଟି ଅନ ଟ୍ରାଇବଲ ୟୁନିଟି ଅଦ୍ୟାବଧି ଆନ୍ଦୋଳନ ପ୍ରତ୍ୟାହାର ଘୋଷଣା କରି ନାହିଁ। ସୂଚନାଯୋଗ୍ୟ, ଜାତିଆଣ ହିଂସା ଯୋଗୁଁ ମଣିପୁରରେ ଏ ପର୍ଯ୍ୟନ୍ତ ୧୨୦ରୁ ଅଧିକ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ପ୍ରାୟ ୫୦ ହଜାର ଲୋକ ବାସହୀନ ହୋଇ ପଡ଼ିଛନ୍ତି। ରିଲିଫ ଶିବିରରେ ହଜାର ହଜାର ଲୋକ ରହୁଛନ୍ତି। ରବିବାର ସକାଳେ ଘଟିଥିବା ହିଂସାରେ ମଧ ୪ ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ରାଜ୍ୟରେ ସେନା ଏବଂ ଅର୍ଦ୍ଧସୈନିକ ବଳ ମୁତୟନ କରାଯାଇଛି।

## ଲୁଟ୍ ଉଦ୍ଦେଶ୍ୟରେ....

ରାସ୍ତାରେ ନିଜ ଘର ଖଣ୍ଡଗିରିକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ସେମାନଙ୍କ କାରକୁ ପିଛା କରିଥିଲେ। କିଛି ବାଟ ପିଛା କରିବା ପରେ ଆମ୍ରି ହସପିଟାଲ ନିକଟରେ ସେମାନଙ୍କ କାର ଆଗରେ ବାଇକ୍ ରଖି ଦେଇଥିଲେ। ପରେ ସାଗରିକାଙ୍କ ବାପା, ମାଆଙ୍କ ଠାରୁ ଟଙ୍କା ଓ ସୁନା ବାହାର କରି ଦେବାକୁ କହିଥିଲେ। ଟଙ୍କା,ସୁନା ଦେବାକୁ ସାଗରିକାଙ୍କ ବାପା, ମାଆ ଅରାଜି ହେବାରୁ ଲୁଟେରାମାନେ ସେମାନଙ୍କଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ଏନେଇ ସାଗରିକାଙ୍କ ବାପା ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ କିଛି ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ପରେ ଦୁର୍ବୃତ୍ତମାନେ ସାଗରିକାଙ୍କ ବାପା, ମାଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଲୁଟେରାମାନେ ବାଇକ୍ ଛାଡ଼ି ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ସାଗରିକାଙ୍କ ପରିବାର ପକ୍ଷରୁ ଭରତପୁର ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ସେହି ରାସ୍ତାରେ ଲାଗିଥିବା ସିସିଟିଭିକୁ ଆଧାର କରି ଘଟଣାର ତଦନ୍ତ କରୁଛି । ଘଟଣାସ୍ଥଳରୁ ଲୁଟେରାଙ୍କ ଏକ ବାଇକ ଜବତ କରାଯାଇଛି। ଆଇପିଏସ ଅଧିକାରୀ ସାଗରିକା ନାଥ ଏବେ ବାଲେଶ୍ୱର ଏସପି ଅଛନ୍ତି । ପୂର୍ବରୁ ସେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି ଭାବେ କାର୍ଯ୍ୟ କରିଛନ୍ତି ।

# ରୂପାୟନ ପକ୍ଷରୁ ମୌସୁମୀ କବିତା ଆସର



ବାଲେଶ୍ୱର, ୦୩/୦୭ (ନି.ପ୍ର): ବର୍ଷାଋତୁ ଆଗମନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରୂପାୟନ' ପକ୍ଷରୁ ଏକ ମୌସୁମୀ କବିତା ଆସର, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆଦି ହେମକାପଦା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀ ପ୍ରିୟଙ୍କା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତିମା ପଣ୍ଡା, ବାସନ୍ତୀ କର, ଯଶୋଧାରା ଦାସ, ପ୍ରଜ୍ଞାପାରମିତା ବିଶ୍ୱାଳ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ଆସରରେ ବରେଣ୍ୟ ଅତିଥି ଭାବେ ଡ. ବଂଶୀଧର ଚୌଧୁରୀ, ଡ. ଉମାକାନ୍ତ ଦାସ, ବିଧାନ ଚନ୍ଦ୍ର ରାୟ, ବିଜୟ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ପର୍ଯ୍ୟାୟରେ ଆୟୋଜିତ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ଦେବୀରାଣୀ ଦାସ, ରୀତା ମିଶ୍ର, ଗୌରାଙ୍ଗ ଦାସ, ଅମରେଶ ପାତ୍ର, ପ୍ରବୀର କମିଳା, ଗଦାଧର ଦାସ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ରୂପାୟନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର କବି, ସାହିତ୍ୟିକ, ସଙ୍ଗୀତ ପ୍ରେମୀ, ନୃତ୍ୟପ୍ରେମୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦର ଦାମ ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

କେନ୍ଦ୍ରାପଡ଼ା, ୦୩/୦୭ (ନି.ପ୍ର): ସିପିଆଇ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଦର ଦାମ ବୃଦ୍ଧି ପ୍ରତିବାଦ ରେ ତଥା ୬ ଦଫା ଦାବି ପୁରଣ ପାଇଁ ମହାମାନ୍ୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ସିପିଆଇର ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସୁହାନା ବେଗମ, ସଂଜୟ କୁମାର ବସନ୍ତିଆ, ବିକାଶ ବେହୁରା ଓ ପ୍ରଦିପ୍ତ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

ମଙ୍ଗଳବାର, ଜୁଲାଇ ୦୪, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଯୋଗ କେନ୍ଦ୍ର ପକ୍ଷରୁ ଗୁରୁ ପୂର୍ଣ୍ଣିମା

ବାଲେଶ୍ୱର, ୦୩/୦୭ (ନି.ପ୍ର): ବାଲେଶ୍ୱର ବିଭିନ୍ନ ଯୋଗକେନ୍ଦ୍ର ପକ୍ଷରୁ ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳି ମନ୍ଦିର ପ୍ରାଙ୍ଗଣରେ ଗୁରୁ ବ୍ୟାସଦେବଙ୍କ ଜନ୍ମଦିନ ତଥା ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ଏକ ସମୂହ ଧ୍ୟାନରୁ ଆରମ୍ଭ ହୋଇ ପରେ ପରେ ୧୦୮ ଓମ୍ ଜପ ସମସ୍ତେ ଆନନ୍ଦ ମନରେ ଜପ କରିଥିଲେ। ଜପ ପରେ ଗୁରୁପୂଜନ ଓ ବନ୍ଦନ କାର୍ଯ୍ୟ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ସଭାପତି ସୁଜୀବ କୁମାର ଜେନା ପରିଚାଳିତ କରିଥିଲେ। ପ୍ର. ଚିତ୍ତରଞ୍ଜନ ଦାଶ, ପ୍ର. ଜୟସ୍ମିତ ନାୟକ, ସ୍ନେହଲତା ଦାସ, ଉମାଶ୍ରୀ, ଜ୍ୟୋସ୍ନାଲତା ଜେନା, ବିଜୟଲକ୍ଷ୍ମୀ ଜେନା, ଧ୍ରୁବଚରଣ ବେହେରା, ସୀତାରାଣୀ ବେହେରା, ମୀନା ସେଠୀ, ଅନିତା ମିଶ୍ର, ଅର୍ଚ୍ଚନା କର, ବ୍ୟାସଦେବ ରାଉତ, ରୀତା ରାଉତ, ବିଶ୍ୱନାଥ ମଲ୍ଲିକ, ନାରାୟଣ ପାତ୍ର, ମାୟା ସରାଓ୍ୱଗି, ସବିତା ଖଣ୍ଡେଲୱାଲ, ସୃଷ୍ଟିଧର ପରିଡ଼ା, ପ୍ରଭୃତି ସାଧକ ସାଧିକାମାନେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ମଣ୍ଡଳବଜାର ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଯୋଗକେନ୍ଦ୍ର ତରଫରୁ ଅନ୍ୟ ଏକ ଗୁରୁପୂଜନ ଉତ୍ସବ ଓ ଦର୍ଜୀପୋଖରୀ ଯୋଗ କେନ୍ଦ୍ର ତରଫରୁ ଏକ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ମେଡିକାଲ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବାଲେଶ୍ୱର, ୦୩/୦୭ (ନି.ପ୍ର): ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ (ବିଏମଏସ) ଅନୁବନ୍ଧିତ ବାଲେଶ୍ୱର ମେଡିକାଲ ସଫେଇ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସୋମବାର ସକାଳେ ସଫେଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ୩ ବର୍ଷରୁ ଅଧିକ କାଳ ସେମାନେ 'ହେରାଲ୍ଡ ମେନପାଓ୍ୱାର ଏଣ୍ଡ ପ୍ଲେସମେଣ୍ଟ ସର୍ଭିସ' ନାମକ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କୁ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମଜୁରିରୁ ଦୈନିକ କର୍ମ ଅର୍ଥ ମିଳୁଥିବା ବେଳେ ଇଏସଆଇ ଓ ପିଏଫ ଭୁକ୍ତ କରାଯାଉ ନାହିଁ କିମ୍ବା ମାସିକ ଛୁଟି ମଧ୍ୟ ଦିଆଯାଉ ନାହିଁ। ଓଡ଼ିଶା ଠିକା ଶ୍ରମିକ ଆଇନକୁ ଉଲଂଘନ କରି ଏହି ସଂସ୍ଥା ସେମାନଙ୍କୁ ଏକ ପ୍ରକାର ଶୋଷଣ କରୁଛି ବୋଲି ଧାରଣାରତ ସଫେଇ କର୍ମଚାରୀମାନେ ଆରୋପ କରିଛନ୍ତି। ଏନେଇ ପୂର୍ବରୁ ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଶେଷରେ ଆନ୍ଦୋଳନ ପାଇଁ ଚରମ ନିଷ୍ପତ୍ତି ନିଆଯାଇଥିବା ସେମାନେ ସୂଚନା ଦେଇଛନ୍ତି। ସଂଘର ସଭାପତି ନନ୍ଦରାଣୀ କର, ସମ୍ପାଦକ ହିମାଂଶୁ ଶେଖର ବେରାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ବିଏମଏସର ଜିଲା ସମ୍ପାଦକ ଅରୂପ କୁମାର ନାୟକ ଯୋଗଦେଇ ସମସ୍ତଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ମାରକପତ୍ର ସିଡିଏମଓଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାନସ ପାତ୍ର, ଆରତୀ ମାଝୀ, ମାଳତୀ ମହାଲିକ, ଦେବାଶିଷ ଘଡ଼େଇ, ପ୍ରଶାନ୍ତ ଦତ୍ତ, ସୁନ୍ଦର ମାଝୀ ପ୍ରମୁଖ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କୁମ୍ଭାର ସମ୍ମିଳନୀରେ ନୂତନ କର୍ମକର୍ତ୍ତା ଚୟନ ଓ କର୍ମୀ ସମ୍ମିଳନୀ

ବାରିପଦା, ୦୩/୦୭ (ନି.ପ୍ର): ଓଡ଼ିଶା ରାଜ୍ୟ କୁମ୍ଭାର ଏକତା ମଞ୍ଚ, ଭୁବନେଶ୍ୱରସ୍ଥିତ ' ଦି ହୋଟେଲ ସୁତୃପ୍ତି' ରେ ରାଜ୍ୟର ଜିଲ୍ଲାମାନଙ୍କର ସଭାପତି, ସମ୍ପାଦକ, ସଭ୍ୟ ଓ ସଭ୍ୟାମାନଙ୍କ ବିଶାଳ ସମାବେଶରେ ମଞ୍ଚର ସଭାପତି ଶ୍ରୀଯୁକ୍ତ ପିତାମ୍ବର ରଣାଙ୍କର ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚୟନ ପ୍ରକ୍ରିୟା ପରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଦସ୍ୟ/ ସଦସ୍ୟାମାନେ ଶପଥପାଠ କରିଥିଲେ। ନିର୍ବାଚିତ ପ୍ରତିନିଧିମାନେ - ସଭାପତି - ଯୁଗୋଳ କିଶୋର ରଣା, ସମ୍ବଲପୁର, ଉପ-ସଭାପତି - ପିତାମ୍ବର ରଣା, ନୂଆପଡା, ସୁଦର୍ଶନ ମୁଦୁଲି, ପୁରୀ, ସୁଶୀଲା ବେହେରା, ମୟୂରଭ, ମଦନ ମୋହନ ବେହେରା, ଦେବଗଡ, ମହେନ୍ଦ୍ର ସାହୁ, ଯାଜପୁର, ସାଧାରଣ ସମ୍ପାଦକ - ଆଡଭୋକେଟ ଗିରିଶ ଚନ୍ଦ୍ର ବେହେରା, କେନ୍ଦୁଝର, ଯୁଗ୍ମ ସମ୍ପାଦକ - ବିଶ୍ୱନାଥ ରଣା, ନୂଆପଡା, ଶ୍ୟାମ ସୁନ୍ଦର ରଣା, ବରଗଡ, ନବଲ କୁମାର ମୁଦୁଲି, ପୁରୀ, ମଧୁସ୍ମିତା ସାହୁ, ଭଦ୍ରକ, ଶିବ ପ୍ରସାଦ ରଣା, ସୋନପୁର, କୋଷାଧ୍ୟକ୍ଷ - ବକ୍ସି ଜଗବନ୍ଧୁ ପାଲ, ମୟୂରଭ। ଅବଶିଷ୍ଟ ଜିଲ୍ଲା ମାନଙ୍କରେ ଦୁଇଜଣ ଲେଖାଏଁ ସଦସ୍ୟ ଚୟନ କରାଯାଇଅଛି। ଉକ୍ତ ସମ୍ମିଳନୀରେ କୁମ୍ଭାର ସମାଜର କିପରି ଉନ୍ନତି ହୋଇପାରିବ ସେ ଦିଗରେ ବିଷଦଭାବେ ଆଲୋଚନା କରାଯାଇଥିଲା। କୁମ୍ଭାର ସମାଜର ପିଲାମାନେ କିପରି ଉଚ୍ଚ ଶିକ୍ଷା ଲାଭ କରିବେ ଓ ଚାକିରୀ କ୍ଷେତ୍ରରେ ସୁବିଧା ସୁଯୋଗ ପାଇବା ସହିତ ମାଟିକଳା ବୋର୍ଡ ଗଠନ ସେଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ଏହି ମଞ୍ଚରେ ନବ ନିର୍ବାଚିତ ସଭାପତି ଦୃଢ ନିଷ୍ପତ୍ତି ନେଇଥିଲେ।

## ଚାଷ ଜମିରେ ହଳ କରୁଥିବା ବେଳେ ଟଳିପଡ଼ିଲେ ଚାଷୀ

ଖୋର୍ଦ୍ଧା, ୦୩/୦୭ (ନି.ପ୍ର): ଚାଷ ଜମିରେ ହଳ କରୁଥିବା ବେଳେ ଟଳିପଡ଼ିଲେ ଜଣେ ଚାଷୀ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଳୟରେ କର୍ତବ୍ୟରତ ଡାକ୍ତର କିଛି ପରୀକ୍ଷା ନୀରିକ୍ଷା ପରେ ଚାଷୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଝରିଆ ଗ୍ରାମର ଅଜୟ ପଲାଇ ( ୪୩)। ତାଙ୍କ ମୃତ୍ୟୁର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଥିବା ବେଳେ ଟାଙ୍ଗୀ ଥାନା ପୋଲିସ ଶବ ଜବତ କରି ତଦନ୍ତ କରୁଛି। ସୂଚନା ମୁତାବକ, ଅଜୟ ପଲାଇ ନିଜ ଚାଷ ଜମିରେ ଧାନ ବୁଣିବା ପାଇଁ ଟ୍ରାକ୍ଟର ସହ ଧାନ ନେଇ ଜମିକୁ ଯାଇଥିଲେ। ଚାଷ ଜମିରେ ହଳ କରିସାରି ଧାନ ବୁଣୁଥିବା ବେଳେ ସେ ହଠାତ୍ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ନିକଟସ୍ଥ ଚାଷ ଜମିରେ ଚାଷ କରୁଥିବା ଚାଷୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅଜୟ ଜଣେ ଗରୀବ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଧର୍ମଶାଳା ବିଜେଡିର କର୍ମୀ ସମ୍ମିଳନୀ ଆରମ୍ଭ

ଧର୍ମଶାଳା, ୦୩/୦୭ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁର ସ୍କୁଲ ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଏହି ପଂଚାୟତରେ ପ୍ରଥମେ ଆରମ୍ଭ ହେଲା କର୍ମୀ ସମ୍ମିଳନୀ। ଏଥିରେ ପଂଚାୟତ ଶତାଧିକ ମହିଳା, ଯୁବ ଛାତ୍ର ଏବଂ ପୁରୁଷ ମାନେ ଏକତ୍ରିତ ହୋଇଥିଲେ। ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଜୁ ଜନତା ଦଳର ସଭାପତି ଜଳଧର ମହାନ୍ତି, ଯୁବ ବିଜେଡ଼ି ଛାତ୍ର ସଭାପତି ଖିତିଶ୍ ନାୟକ, ଜଗଦାନନ୍ଦ ରାଉତ, ଧର୍ମଶାଳା ବିଜେଡ଼ି ଗାର୍ଲ୍ସ ୱିଙ୍ଗ ସଭାପତି ଖିରବ୍ଧୀ ତନୟା ମଲ୍ଲିକ, ଜୋନ କୋଡିନେଟର ଅମରେନ୍ଦ୍ର ରାୟ ଏବଂ ଦଳର ବହୁ କର୍ମୀ ମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥଲେ।

## ମିଳିତ ଜନଶୁଣାଣି ଶିବିରରେ ୧୫୫ ଅଭିଯୋଗ ଆଗତ

ଭଦ୍ରକ, ୦୩/୦୭ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଆଜି ମାସର ପ୍ରଥମ ସୋମବାରରେ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାପାଳ, ଭଦ୍ରକ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି., ଭଦ୍ରକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ସମୁଦାୟ ୧୫୫ ଜଣଙ୍କ ଦ୍ୱାରା ପ୍ରଦତ୍ତ ଅଭିଯୋଗ ଶୁଣି ସମାଧାନ ପାଇଁ ସମୀକ୍ଷା କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୧୧୩ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୪୨ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା। ସେଥି ମଧ୍ୟରେ ୪ଟି ରେଡ୍‌କ୍ରସ ଓ ୩ଟି ସି.ଏମ୍.ଆର.ଏଫ୍ ସହାୟତା ପ୍ରଦାନ ସମ୍ବନ୍ଧୀୟ ଅଭିଯୋଗଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।
ସାମାଜିକ ସୁରକ୍ଷା ଯୋଜନାରେ ବିବାହ ଜନିତ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିବା ୪ ଦମ୍ପତିଙ୍କ ମଧ୍ୟରୁ ଶିବିରରେ ଉପସ୍ଥିତ ୩ ଦମ୍ପତିକୁ ଦୁଇ ଲକ୍ଷ ୫୦ ହଜାର ଲେଖାଏ ଆର୍ଥିକ ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ଜଣେ ସ୍ୱାଭାବିକ ଓ ଜଣେ ଦିବ୍ୟାଙ୍ଗଙ୍କ ମଧ୍ୟରେ ବିବାହ ସମ୍ପାଦନ ହୋଇଥିଲେ ଏହି ପ୍ରୋତ୍ସାହନ ରାଶି ଉକ୍ତ ଦମ୍ପତିକୁ ପ୍ରଦାନ କରାଯାଇଥାଏ। ଆଜି ଏହି ଅର୍ଥ ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିବା ଦମ୍ପତି ମାନେ ହେଲେ ନାଆମୀ, ଭଣ୍ଡାରିପୋଖରୀର ୬୫% ଦିବ୍ୟାଙ୍ଗ ଜଗତ ମୋହନ ଜେନା ଓ ବିଳାସ ରାଉତ, ରାଜଘର ପୋଖରୀ, ବାସୁଦେବପୁର ବ୍ଲକ୍ ର ୪୦% ଦିବ୍ୟାଙ୍ଗ ମାନସ କୁମାର ନାୟକ ଓ ସାରିକା ଭୋଇ, ଅଣ୍ଡେଇପଲ୍ଲୀ, ଭଦ୍ରକ ବ୍ଲକ୍‌ର ୪୫% ଦିବ୍ୟାଙ୍ଗ ମନୋରଞ୍ଜନ ପରିଡ଼ା ଓ ରଶ୍ମିତା ପରିଡ଼ା ଏବଂ ନଗୁଆଁ, ଭଣ୍ଡାରିପୋଖରୀ ବ୍ଲକ୍‌ର ୬୦% ଦିବ୍ୟାଙ୍ଗ ଜଗନ୍ନାଥ ବାରିକ୍ ଓ ସନ୍ଧ୍ୟାରାଣୀ ବାରିକ୍। ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ସହାୟତା ନିମନ୍ତେ ଦେଉଳି, ବାସୁଦେବପୁରର ଭଗବତୀ ବେହେରାଙ୍କୁ ୬ ହଜାର ଟଙ୍କା, ଶାହାପୁର ଭଦ୍ରକର ସରସ୍ୱତୀ ସେଠୀଙ୍କୁ ୫ ହଜାର ଟଙ୍କା, ବାସୁଦେବପୁରର ରହିମା ବିବିଙ୍କୁ ୭ ହଜାର ଟଙ୍କା ଏବଂ ଅଧ୍ୟୟନ ପାଇଁ ବମକୁରା, ଧାମନଗରର ୮ମ ଓ ୯ମ ଶ୍ରେଣୀରେ ପଢୁଥିବା ଦୁଇ ଜାଆଁଳା ଭାଇ ବିଶ୍ୱଜିତ୍ ପଣ୍ଡା ଓ ଅଭିଜିତ୍ ପଣ୍ଡାଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ କୁଶନ ଗଡ଼ିଆ, ଆଗରପଡ଼ା, ବନ୍ତବ୍ଲକ୍‌ର ସଞ୍ଜୟ ଦାସଙ୍କୁ ଚିକିତ୍ସା ସହାୟତା ପାଇଁ ଦଶହଜାର ଟଙ୍କା, ବିଷ୍ଣୁପୁର, ଭଣ୍ଡାରିପୋଖରୀର ସୁକାନ୍ତ ପଣ୍ଡାଙ୍କୁ ୧୫ ହଜାର ଟଙ୍କା, ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ପିରିପୁର, ଭଣ୍ଡାରିପୋଖରୀର ନାରାୟଣ ପୋଥାଳଙ୍କୁ ୧୦ ହଜାର ଟଙ୍କା ଉକ୍ତ ପାଣ୍ଠିରୁ ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିବା ପ୍ରଦତ୍ତ ସୂଚନା ରୁ ପ୍ରକାଶ। ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର ଏହି ଶିବିରରେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ସହାୟକ ଜିଲ୍ଲାପାଳ ଚିତ୍ତରଞ୍ଜନ ସେଠୀ, ବିଭାଗୀୟ କର୍ମଚାରୀ ଅଭିନେତ୍ରୀ ମହାନ୍ତି, ଲିପ୍‌ସାରାଣୀ ରାଉତ ପ୍ରମୁଖ ଅଭିଯୋଗ ପଞ୍ଜିକରଣ ଓ ଉପସ୍ଥାପନା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଆବଶ୍ୟକ ମତେ ସୂଚନା ପ୍ରଦାନ କରିଥିଲେ।



## ମୃତ ଚାଷୀ ସୁରଞ୍ଜନ ପରିବାରକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ

ବସ୍ତା, ୦୩/୦୭ (ନି.ପ୍ର): ବସ୍ତା ବ୍ଲକ ବ୍ରାହ୍ମଣଦା ମା' ଭଗବତୀ ସେବାସମବାୟ ସମିତି ରେ ଆଜି ଜୈନିକ ବ୍ୟକ୍ତିଙ୍କ ମୃତ୍ୟୁପରେ ତାଙ୍କ ସହଧର୍ମୀଣୀ ଜ୍ୟୋସ୍ନାରାଣୀ ଦାସଙ୍କୁ ସମୋବାର ସେବାସମବାୟ ସମିତିର ସଭାଗୃହରେ ୫ଲକ୍ଷ ଟଙ୍କାର ଚେକ ପ୍ରଦାନକରା ଯାଇଛି। ଦିର୍ଘ ବର୍ଷଧରିବ୍ରାହ୍ମଣଦା ମା ଭଗବତୀ ସେବା ସମବାୟ ସମିତିର ଯଣେ ଆଗ ଧାଡିର ଚାଷୀ ଭାବେ ସ୍ୱର୍ଗତ ସୁରଞ୍ଜନ ଦାସ (୫୯) ଥିଲେ। ହଠାତ ଗତ୭।୩।୨୦୨୨ରିଖ ବସ୍ତା ବଜାରକୁ ଯାଉଥିବା ସମୟରେ କାଳିଗିରି ଫାଟକ ନିକଟରେ ଅଜଣା ବାଇକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ପାଖରେଥିବା ଲୋକେ ତାଙ୍କୁ ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରକୁନେଇଥିଲେ। ହେଲେ ପରିସ୍ଥିତି ଅଣଆୟତ ହେବାରୁ ତାଙ୍କୁ ବାଲେଶ୍ୱର ପରେ କଟକ ସ୍ଥାନାନ୍ତରିକ କରାଯାଇଥିଲା ହେଲେ ଗତ୯।୩।୨୦୨୨ରେତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଆଜି ବାଲେଶ୍ୱର ଭଦ୍ରଖ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ ଶାଖା ପ୍ରବନ୍ଧକ ସସ୍ମୀତା ଦାସ ଙ୍କ ଉପସ୍ଥିତରେ ମାଭଗବତୀ ସମବାୟ ସଭାପତି ନିଗମାନନ୍ଦ ଗିରି.ଉପସଭାପତି ସବିତାଦାସ, ସମ୍ପାଦକ ରତିକାନ୍ତ ବୁଗୁଡି, ୧୩ ଜଣ ବୋଡ ମେମ୍ବର ସମେତ ସମିତିର ସମସ୍ତ କର୍ମଚାରୀ ଚାଷିମାନେ ଉପସ୍ଥିତରହି ସୁରଞ୍ଜନ ଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରିବାସହିତ ତାଙ୍କ ସ୍ତ୍ରୀ ଙ୍କୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରା ଯାଇଥିଲା।




## ମହିଳା ଶ୍ରମିକଙ୍କ ମଜୁରୀ ଓ ତାଙ୍କ ନାମରେ ଋଣ ନେଇ କମ୍ପାନୀ ଫେରାର୍

କେନ୍ଦ୍ରାପଡ଼ା, ୦୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ରେ କ୍ଷୁଦ୍ର କାରିଗରୀ ବ୍ୟବସାୟ କରୁଥିବା ବନ୍ଧସାହିର ପ୍ରଗତି ରଥଙ୍କ ନାମରେ ଟଙ୍କା ହଡପ ଅଭିଯୋଗ ହୋଇଛି। କାମ କରୁଥିବା ୧୫ ଜଣ ଶ୍ରମିକଙ୍କ ନାମରେ ଋଣ ଆଣି ଓ ସେମାନଙ୍କ ମଜୁରୀ ବାବଦକୁ ମୋଟ୍ ୧୮ ଲକ୍ଷ ୯୦ ହଜାର ଟଙ୍କା ଆତ୍ମସାତ୍ କରି କମ୍ପାନୀ ମାର୍ଶାଘାଇ ରୁ ଫେରାର ହୋଇ ବାଲେଶ୍ୱର ରେ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରୀ ମହିଳା ମାନେ ଆଜି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ସେମାନଙ୍କର ଅର୍ଥରାଶି ଉଦ୍ଧାର ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମାର୍ଶାଘାଇ ରେ କ୍ଷୁଦ୍ର କାରିଗରୀ ବ୍ୟବସାୟ କରୁଥିବା ପ୍ରଗତି ରଥ ଏହି ୧୫ ଜଣ ମହିଳାଙ୍କ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥାରୁ ଟଙ୍କା ଆଣି ଏଗ୍ରିମେଣ୍ଟ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ବଣ୍ଡ ପେପର ଦେଇଥିଲା।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ବିହାରୀ ଚରଣ ଭୂୟାଁ
ରାଜାବଗିଚା, ବାଲେଶ୍ୱର
ଆର୍ବିଭାବ:୦୧.୦୧.୧୯୪୨
ତିରୋଧାନ:୨୪.୦୬.୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

## ଉଦଳାରେ ଗୁରୁପୂଜନ ଉତ୍ସବ ପାଳିତ

ଉଦଳା, ୦୩/୦୭ (ନି.ପ୍ର): ଆଂଚଳିକ ଗୁରୁ ପୂଜନ କମିଟି, ଉଦଳା ତରଫରୁ ପ୍ରତିବର୍ଷ ଭଳି ଚଳିତ ଜୁଲାଇ ୩ ତାରିଖ ସୋମବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ପବିତ୍ର ବ୍ୟାସ ପୂର୍ଣ୍ଣିମା ଅବସରରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଗୁରୁ ପୂଜନ ଉତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ପ୍ରଦାନ ଓ ଦିବଂଗତଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନାର ପର୍ବ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପୂଜନ କମିଟିର ସଭାପତି ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ମନ୍ତ୍ରୀ ଗୋଲକ ନାୟକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କିପରି ଆରମ୍ଭ ହୋଇଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଏହାପରେ କମିଟିର ସଂପାଦକ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲିପ କୁମାର ଜେନା ଇତି ମଧ୍ୟରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ନାମ ଘୋଷଣା କରିଥିଲେ। ପରେ ସମସ୍ତେ ଛିଡ଼ା ହୋଇ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ। ଏହାପରେ ସମସ୍ତ ଅତିଥି ବେଦମନ୍ତ୍ର ଉଚ୍ଚାରଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ଭାବରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲୀପ କୁମାର ଦୀକ୍ଷିତ, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଡ଼ା. ମନୋରଂଜନ ମଲ୍ଲିକ, ଉପଖଣ୍ଡ଼ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଦିବଂଗତ ମନ୍ତ୍ରୀ ଗୋଲକ ନାୟକଙ୍କ ସହଧର୍ମିଣୀ ତଥା ବର୍ତ୍ତମାନର ଜିଲ୍ଲାପରିଷଦ ସଦସ୍ୟା ସୁବାସିନି ନାୟକ ପ୍ରମୁଖ ଯୋଗ ଦେଇ ବ୍ୟାସ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




## ଜ୍ୟୋତି ହସପିଟାଲ ପରିଦର୍ଶନ କଲେ ନୂତନ ବିଶପ

ବାଲେଶ୍ୱର, ୦୩/୦୭ (ନି.ପ୍ର): ଉତ୍ତର ଓଡ଼ିଶା କ୍ୟାଥଲିକ ଡାଇଓସିସର ବିଶପ ଭାବେ ଗତ ୨୯ ତାରିଖରେ ଦାୟତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ବିଶପ ରେଭେରାନ୍ସ ଭର୍ଘିଜ୍ ଥୋତ୍ତାମକରା ସିଏମ ସୋମବାର ଜ୍ୟୋତି ହସପିଟା ପରିଦର୍ଶନ କରିଛନ୍ତି। ଜ୍ୟୋତି ହସପିଟାଲ, ନର୍ସିଂ କଲେଜ ବୁଲି ଦେଖିବା ସହ ସେଠାରେ କାର୍ଯ୍ୟରତ ଡାକ୍ତର, ନର୍ସଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ଆଲୋଚନା କରିଥିଲେ। ସେହିଭଳି ହସପିଟାଲ ପରିସରରେ ଥିବା ଉଦ୍ୟାନ, କିଚେନ ଗାର୍ଡ଼େର୍ନ ଆଦି ଦେଖି ବିଶପ ଭର୍ଘିଜ ସନ୍ତୋଷ ପ୍ରକାଶ କରିଥିଲେ। ପରେ ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବିଶପ ଭର୍ଘିଜଙ୍କୁ ସ୍ୱାଗତ କରାଯାଇଥିଲା। କେକ କାଟି ବିଶପ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଦୀର୍ଘ ବର୍ଷର ପୁରୁଣା ଏହି ହସପିଟାଲରେ ସମ୍ପ୍ରତି ଶଯ୍ୟା ସଂଖ୍ୟା ସହିତ ରୋଗୀ ସଂଖ୍ୟା ବି ବଢ଼ିଛି। ସେହି ଅନୁପାତରେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଛି। ପରସ୍ପର ମଧ୍ୟରେ ସମନ୍ୱୟ ରଖି ଜ୍ୟୋତି ହସପିଟାଲର ସେବାକାର୍ଯ୍ୟକୁ ଆଗେଇ ନେବା ପାଇଁ ବିଶପ ଭର୍ଘିଜ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ସମସ୍ତଙ୍କ ସହଯୋଗରେ ଏହି ହସପିଟାଲ ସେବା କ୍ଷେତ୍ରରେ ଶୀର୍ଷରେ ପହଞ୍ଚିବା ନେଇ ସେ ଆଶା ପ୍ରକାଶ କରିଥିଲେ। ପୂର୍ବତନ ବିଶପ ତଥା ଜ୍ୟୋତି ହସପିଟାଲର ପ୍ରତିଷ୍ଠାତା ଥମାସ ଥିରୁଥଲିଲ ଏଥିରେ ଯୋଗଦେଇ ୨୫ବର୍ଷରେ ପଦାର୍ପଣ କରିଥିବା ଏହି ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନର ସମୟ ଉପନୀତ ବୋଲି କହିଥିଲେ। ଜ୍ୟୋତି ହସପିଟାଲର ନିର୍ଦ୍ଦେଶକ ଡ. ପିଟର ମନ୍ସ ଆର୍କଲ ଏହି ସଭାରେ ସଭାପତିତ୍ୱ ସହ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ହସପିଟାଲ ସୁପରିନଟେଡେଣ୍ଟ ଡ. ଶ୍ରୀମତୀ, ନର୍ସିଂ କଲେଜ ସୁପରିନଟେଡେଣ୍ଟ ଶ୍ରୀମତୀ ସୁମାରାଣୀ, ବରିଷ୍ଠ ସିଷ୍ଟର ତାରଗାଙ୍କ ସମେତ ହସପିଟାଲର ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ ଓ ନର୍ସିଂ କଲେଜର ଛାତ୍ରୀମାନେ ଏହି ସଭାରେ ଉପସ୍ଥିତ ଥିଲେ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo